# ସରୁନି ଷଠିପୁର ୪ ଥାକିଆ ରାସ୍ତା

**ଯାଜପୁର,୧।୨(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲା ଗଠନ ହେବା ପରେ ଲୋକଙ୍କ ଜୀବନଧାରଣ ମାନରେ ଯେତେ ଉନ୍ନତି ହେବା କଥା ତାହା ନୈରାଶ୍ୟଜନକ ହୋଇଛି। ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ ସେହି ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି। କିନ୍ତୁ ଦୁର୍ବଳ ନେତୃତ୍ୱ ତଥା ଠିକାଦାରି ରାଜନୀତି ଯାଜପୁର ଜିଲାର ବିକାଶର ଧାରାକୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି । ଏଠାରେ ପାଣିକୋଇଲି ରାସ୍ତା ଓ ଗୃହ(ଆର୍ ଏଣ୍ଡ ବି) ବା ପୂର୍ତ୍ତ ବିଭାଗର କେତୋଟି ରାସ୍ତା ଓ ବ୍ରିଜଗୁଡିକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଡିଭିଜନ ଅଧୀନରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୪୪ଟି ବିଭିନ୍ନ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡି ରହିଛି। ସେଥିମଧ୍ୟରୁ ୭ ପ୍ରକଳ୍ପ ୪ ରୁ ୫ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ବିଡମ୍ବନା ଯେ, ଜିଲା ସଦର ମହକୁମାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ(ଏସଏଚ୍)-୫୬ର ଷଠିପୁର ଠାରୁ ମଙ୍ଗଳପୁର ରାସ୍ତା କାର୍ଯ୍ୟର ଅବଧି ସମୟ ଶେଷ ହେବାର ୮ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ସରିବାର ନାଁ ଧରୁନାହିଁ। ଏହି ରାସ୍ତାରେ ବ୍ୟାପକ ପିସି କାରବାର ଓ ଠିକାଦାର-ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଚାଲିଥିବା ଯୋଗୁ କାର୍ଯ୍ୟ ନିମ୍ନମାନର ହେବା ସହିତ ଦୀର୍ଘସ୍ଥାୟୀ ହେବା ନେଇ ସଂଶୟ ପ୍ରକାଶ ପାଇଛି।

**ପାଣିକୋଇଲି ପୂର୍ତ୍ତ ବିଭାଗ ଡିଭିଜନ**

- ଜିଲାପାଳ ଅଫିସକୁ ଯିବାକୁ ସମସ୍ୟା
- ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉନି
- ଧୂଳି ଉଡ଼ି ପ୍ରଦୂଷଣ,କଲବଲ ହେଉଛନ୍ତି ପଥଚାରୀ
- ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ୭ପ୍ରକଳ୍ପ କାମ ଅଧାପନ୍ତରିଆ

ଯାଜପୁର ଜିଲାର ସୁଦୃଢ ଗମନାଗମନ ପାଇଁ ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ ଓ ଜଳସେଚନ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ ରହୁଛି। ସେଥିମଧ୍ୟରୁ ବୃହତ୍ ରାସ୍ତା ଓ ବ୍ରିଜ୍ ପ୍ରକଳ୍ପ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପନ୍ନ କରାଯାଉଛି। କିନ୍ତୁ ପାଣିକୋଇଲି ପୂର୍ତ୍ତ ଡିଭିଜନ ରାଜ୍ୟ ସରକାରଙ୍କ ଏଭଳି ବିଶ୍ୱାସ ଉପରେ ଓଲଟା ଫଳାଫଳ ଦେଉଥିବା ଚର୍ଚ୍ଚା ହେଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଷଠିପୁର ଠାରୁ ଯାଜପୁର ପଟକୁ ବୁଢା ନଦୀ ନିକଟ ପର୍ଯ୍ୟନ୍ତ ୩.୪୦୦ କି.ମି. ଚାରିଲେନ ରାସ୍ତା ନିର୍ମାଣ ପାଇଁ ୨୪.୯୮ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ରାସ୍ତା କାର୍ଯ୍ୟକୁ ଆଶୀର୍ବାଦ ଇଞ୍ଜିନିୟର ଏଣ୍ଡ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିଃ ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଚୁକ୍ତି ଅନୁସାରେ ୩୦।୧୧।୨୦୨୧ରେ ଆରମ୍ଭ କରାଯାଇ ୨୯।୫।୨୦୨୩ରେ ରାସ୍ତା କାର୍ଯ୍ୟ ସରିବା କଥା। କିନ୍ତୁ ରାସ୍ତା କାର୍ଯ୍ୟକୁ ଦେଖିଲେ ପ୍ରାୟ ୫୦ ପ୍ରତିଶତ କାମ ବି ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହି ରାସ୍ତା ସିଧାସଳଖ ଯାଜପୁର ସଦର ମହକୁମାକୁ ସଂଯୋଗ କରୁଛି। ଜିଲାର ଅର୍ଦ୍ଧାଧିକ ଅଞ୍ଚଳବାସୀ ଏହି ରାସ୍ତା ଦେଇ ଜିଲାପାଳ, ଜିଲା ପରିଷଦ ନିର୍ବାହୀ ଅଧିକାରୀ, ଜଳସେଚନ, ଗ୍ରାମ୍ୟ ନିର୍ମାଣ, ମହିଳା ଓ ଶିଶୁ ବିଭାଗ, ଜିଲା ସଦର ଡାକ୍ତରଖାନା, ମା'ବିରଜା ମନ୍ଦିର, କୁସୁମା ପ୍ରଭୃତି ସ୍ଥାନକୁ ଯାଇଥାନ୍ତି। କିନ୍ତୁ ରାସ୍ତା ନିର୍ମାଣ ସମୟରେ ଭାରିଯାନଗୁଡ଼ିକ ଚଳାଚଳ ସହ ଅତ୍ୟଧିକ ଧୂଳି ଉଡ଼ି ପଥଚାରୀଙ୍କ ପାଇଁ ବିପଦ ହେଉଛି। ପାଣି ସିଞ୍ଚନ ବ୍ୟବସ୍ଥା ଥିଲେ ମଧ୍ୟ ଠିକାସଂସ୍ଥା ଦ୍ୱାରା ତାହା କାର୍ଯ୍ୟକାରୀ ହେଉନି। ରାସ୍ତାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉନାହିଁ। ବ୍ୟୟ ଅଟକଳ ଅନୁସାରେ ପାଉଁଶ, ବାଲି, ମେଟାଲ ଇତ୍ୟାଦି ବ୍ୟବହାରରେ ନିମ୍ନମାନର ଓ ଅସମାନତା ରହୁଥିବାରୁ ବିଭିନ୍ନ ସ୍ଥାନରେ ଗେଟି ଉଠି ଯାଇଥିବା ଦେଖିବାକୁ ମିଳିଛି। ଯେନତେନ ପ୍ରକାରେ କାମ ସାରି ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଚଲୁ କରିବାକୁ ଯୋଜନା ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହିସବୁ ଅନିୟମିତତା ସମ୍ପର୍କରେ ବିଭାଗୀୟ ତଦନ୍ତକାରୀ ଯନ୍ତ୍ରୀ ଜାଣିଥିଲେ ସୁଦ୍ଧା ମୋଟା ଅଙ୍କର ପିସି ନେଇ ବସି ରହିଥିବା ଅଭିଯୋଗ ହେଉଛି।


ରାସ୍ତା କାର୍ଯ୍ୟ ଜାରି ରହିଛି।

ଅନ୍ୟପକ୍ଷେ ବ୍ରିଟିଶ ଅମଳର ଯୋକଡିଆ ବ୍ୟାରେଜରୁ ଆସିଥିବା ବହୁ ପୁରୁଣା କେନାଲକୁ ଏହି ରାସ୍ତା ନିର୍ମାଣ ପାଇଁ ପୋତି ଦିଆଯାଇଛି। ଏ ସମ୍ପର୍କରେ ଜଳସେଚନ ବିଭାଗର କାହାରି ପାଖରେ ଖବର ନାହିଁ। ସେହିପରି ୨୩.୪୮ କୋଟି ଟଙ୍କାର ଏନଏଚ-୧୬ ରୁ ଅର୍ଦ୍ଧାଲିଆ ରାସ୍ତା, ୨୨.୦୯ କୋଟି ଟଙ୍କାର ଏନଏଚ-୧୬ ଠାରୁ ମହେଶ୍ୱରପୁର, ୫୯.୧୮ କୋଟି ଟଙ୍କାର ଚୋର୍ଦ୍ଦା ଠାରୁ ଡୁବୁରୀ କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତା, ୪୯.୫୧ କୋଟି ଟଙ୍କାର ରେଙ୍ଗାଲି ବାମପାର୍ଶ୍ୱ କେନାଲର କାମାକ୍ଷାନଗର ଠାରୁ ଡବୁରି, ୨୪.୯୪ କୋଟି ଟଙ୍କାର ବନ୍ଧମୁଣ୍ଡା ଖରସୁଆଁ ନଦୀ ଉପରେ ବ୍ରିଜ ନିର୍ମାଣ, ୫୦.୫୫ କୋଟି ଟଙ୍କାର ପଣ୍ଡୁଆ ନଦୀର କଳାମାଟି ବ୍ରିଜ, ୩୨.୦୯ କୋଟି ଟଙ୍କାର ଏନ.ସି କଲେଜରେ ଆର୍ଟ ବ୍ଲକ, ଅଡିଟୋରିୟମ ଓ ଓପନ ଏୟାର ଥିଏଟର ନିର୍ମାଣ କାର୍ଯ୍ୟ ୪ ବର୍ଷରୁ ଉର୍ଦ୍ଧ୍ୱ ହେଲା ଅଧାରେ ଲାଖିଛି।

ଜିଲା ସଦର ମହକୁମାକୁ ରାସ୍ତା ନିର୍ମାଣ ସମ୍ପର୍କରେ ଯାଜପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ରାସ୍ତା କାମ ଜୁନ ମାସ ସୁଦ୍ଧା ଶେଷ କରିବାକୁ ଯୋଜନା ରହିଛି। ତେବେ କାର୍ଯ୍ୟ ଠିକଠାକ ଚାଲିଛି, ଏଥିରେ କୌଣସି ଅନିୟମିତତା ହେଉନାହିଁ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦେବରାଜ


@ ମନୋଜ


@ ଜଗଦୀଶ


@ ରାଜେଶ


@ ବିକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯାଜପୁର ନୂତନ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ଯାଜପୁର,୧।୨(ହର୍ଷବର୍ଦ୍ଧନ ବେହେରା) :**

**ଉତ୍କଳ ସାମ୍ବାଦିକ ସଂଘର ସ୍ୱାଗତ**

ଯାଜପୁରର ନୂତନ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ଗୁରୁବାର ସନ୍ଧ୍ୟାରେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ଜିଲା ସଭାପତି ହରି ହର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ପୀତବାସ ଭୂୟାଁ, ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ପ୍ରଭୁଦତ୍ତ ମହାନ୍ତି, ସଞ୍ଜୟ କର, ଶୁଭେନ୍ଦୁ ଚାଟାର୍ଜୀ, ଅଜୟ ମିଶ୍ର, ଭରତ ନାୟକ, ରବି ରଣା, ଦିବ୍ୟକାନ୍ତ କର, ଅଶୋକ ଦାସ, ପ୍ରତାପ ବେହେରା, ସୁବାଶିଷ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇବା ସହ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୁଧବାର ଅପରାହ୍ନରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଏବଂ ଅତିରିକ୍ତ ଦାୟିତ୍ୱରେ ଥିବା ରାଉରକେଲା ଅତିରିକ୍ତ ଜିଲାପାଳ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ରାଉରକେଲା ସ୍ମାର୍ଟ ସିଟି ଲିଃ. ଓ ସଚିବ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ଶୁଭଙ୍କର ମହାପାତ୍ର ଯାଜପୁରରେ ନୂତନ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପ୍ରଥମେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ଦର୍ଶନ ସାରି ଜିଲା କାର୍ଯ୍ୟାଳୟରେ ପହଞ୍ଚିବା ସହ ଭାରପ୍ରାପ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସମାଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଜିଲାପାଳଙ୍କୁ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ ।


ଜିଲାପାଳଙ୍କୁ ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତା ସ୍ୱାଗତ ଜଣାଉଛନ୍ତି।

# ଏୟାର କାର୍ଗୋ ସୁବିଧାର ପ୍ରଥମ ଗ୍ରାହକ ଜେଏସ୍ଏଲ୍



କାର୍ଗୋ ଅପରେଶନ ଶୁଭାରମ୍ଭରେ ମନ୍ତ୍ରୀ, ସଚିବ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

**ଯାଜପୁର,୧।୨(ହର୍ଷବର୍ଦ୍ଧନ ବେହେରା) :**

**ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଏୟାର କାର୍ଗୋ ଅପରେଶନର ଶୁଭାରମ୍ଭ**

ଭାରତର ସର୍ବବୃହତ୍ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ(ଜେଏସ୍ଏଲ୍) ବୁଧବାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଅନ୍ତର୍ଜାତୀୟ ଏୟାର କାର୍ଗୋ ଅପରେଶନର ଐତିହାସିକ ଶୁଭାରମ୍ଭରେ ଅଂଶଗ୍ରହଣ କରିଛି । ଜିନ୍ଦଲ ଷ୍ଟେନଲେସ ଉଦ୍‌ଘାଟନୀ ଦିବସରେ ଏହି ସେବା ବ୍ୟବହାର କରିଥିବା ପ୍ରଥମ କମ୍ପାନୀ ଭାବେ ସ୍ୱିଡେନକୁ ୨୮ କିଲୋ ହଟ-ରୋଲ ଷ୍ଟେନଲେସ ଷ୍ଟିଲ ପ୍ଲେଟ ନମୁନା ପଠାଇଛି। ଉଦ୍‌ଘାଟନୀ ଉତ୍ସବରେ ଏମ୍ଏସ୍ଏମ୍ଇ ବିଭାଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଏବଂ ଏମ୍ଏସ୍ଏମ୍ଇ ବିଭାଗର ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର ଓ ବାଣିଜ୍ୟ ପରିବହନ ବିଭାଗର ମୁଖ୍ୟ ସଚିବ ଉଷା ପାଢୀ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ସାହ ବ୍ୟକ୍ତ କରି ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ପ୍ରସଙ୍ଗରେ ଓଡ଼ିଶାର ରପ୍ତାନୀ ସମ୍ଭାବନାକୁ ବଢାଇବାରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାବାଦ୍ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବାରେ ମଧ୍ୟ ସହାୟକ ହେବ । ଏହା ଅନ୍ୟ କମ୍ପାନୀଗୁଡ଼ିକ ପାଇଁ ମଧ୍ୟ ଲାଭଦାୟକ ଅଟେ । ଏହା ଅତ୍ୟାବଶ୍ୟକୀୟ ସାମଗ୍ରୀର ରପ୍ତାନୀ ତଥା ଆମଦାନୀକୁ ସୁଗମ କରିବା ସହିତ ବିଶ୍ୱବଜାରରେ ଗ୍ରାହକଙ୍କ ଚାହିଦା ପୂରଣ କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଜିନ୍ଦଲ ଷ୍ଟେନଲେସ ଯାଜପୁରର ୟୁନିଟ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି , ଏହି ବିକାଶ ଆମକୁ ବିଶ୍ୱ ବଜାରର ନିକଟତର କରିବ। ଏହି ପଦକ୍ଷେପକୁ ବାସ୍ତବତାରେ ପରିଣତ କରିବାରେ ସ୍ଥାନୀୟ କର୍ତ୍ତୃପକ୍ଷ, ବିମାନବନ୍ଦର ପରିଚାଳନା ବିଭାଗ ଏବଂ ସମ୍ପୃକ୍ତ ସମସ୍ତ ହିତାଧିକାରୀଙ୍କୁ ସାଧୁବାଦ ଜଣାଇ ଅଭିବୃଦ୍ଧିରେ ସହାୟକ ହେବା ଏବଂ ଉତ୍ପାଦନ ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବା ପାଇଁ କମ୍ପାନୀ ନିଜର ପ୍ରତିବଦ୍ଧତାରେ ସ୍ଥିର ରହିଛି ବୋଲି କହିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ବର୍ତ୍ତମାନ ସମସ୍ତ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳରୁ ବିମାନ ମାଲ ପରିବହନର ରପ୍ତାନୀ,ଆମଦାନୀ ପରିଚାଳନା ପାଇଁ ନିୟାମକ ଅନୁମତି ସହିତ ପ୍ରସ୍ତୁତ ଏହି ବିମାନବନ୍ଦର ପ୍ରତିବର୍ଷ ପ୍ରାୟ ୧୦୦୦ ମେଟ୍ରିକ ଟନ ଆନ୍ତର୍ଜାତୀୟ କାର୍ଗୋ ପରିବହନ କରିବାକୁ ଲକ୍ଷ୍ୟ ରଖିଛି। ଆଧୁନିକ ଯନ୍ତ୍ରପାତିର ଏକୀକରଣ ସହିତ ଏହି କାର୍ଗୋ ଅପରେଶନ ବିଭିନ୍ନ ଦେଶକୁ ସିଧାସଳଖ ସାମଗ୍ରୀକୁ ପଠାଇପାରିବ ।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା

**ଝୁମ୍ପୁରୀ,୧।୨(ସରୋଜ ନାୟକ):**

ଦଶରଥପୁର ବ୍ଲକ୍ ଅଧୀନ ଖଣ୍ଡରା ପଞ୍ଚାୟତରେ ଗୁରୁବାର ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡରା ହାଇସ୍କୁଲ ନିକଟ ପଡ଼ିଆରେ ସରପଞ୍ଚ କୁଞ୍ଜବିହାରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ସରୋଜ ମହାପାତ୍ର ଯୋଗଦେଇ ବିଧାୟକ ପ୍ରଣବ ପ୍ରକାଶ ଦାସ ଆଜି ଯେଉଁ ବିକାଶ ଧାରାରେ କାର୍ଯ୍ୟ ଆରମ୍ଭ କରିଛନ୍ତି ତାହା ଖୁବ୍‌କମ୍ ଦିନରେ ଯାଜପୁରକୁ ରାଜ୍ୟରେ ନମ୍ବର ୧ରେ ପରିଣତ କରିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବିଡିଓ ଆକାଶ ପଟ୍ଟନାୟକ, ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏପରି କାର୍ଯ୍ୟକ୍ରମ ଖୁବ୍ ସହାୟକ ହୋଇପାରିବ ବୋଲି କହିଥିଲେ। ନୀଳମଣି ପାଣିଗ୍ରାହୀ, ଅଜୟ ଦାସ, ସୁନୀଲ ସାହୁ, ଆଲୋକ ଜେନା ଓ ଦିବାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗ ଅଧିକାରୀମାନେ ପ୍ରଦର୍ଶନୀ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ।

# ଓଡ଼ିଶା ମାନବ ଅଧିକାର ମଞ୍ଚର ସାମ୍ବିଧାନିକ ନ୍ୟାୟ ଯାତ୍ରା

**ଯାଜପୁର ଟାଉନ,୧।୨(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଓଡ଼ିଶା ମାନବ ଅଧିକାର ମଞ୍ଚ ପକ୍ଷରୁ ଗୁରୁବାର ସାମ୍ବିଧାନିକ ନ୍ୟାୟ ଯାତ୍ରା କରାଯାଇଛି। ଜନଜାଗରଣ ସୃଷ୍ଟି ପାଇଁ ଓ ସରକାରଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଯାତ୍ରା ଫେବୃଆରୀ ୧ରୁ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନୁସୂଚିତ ଜାତି ଓ ଜନଜାତି ପରିବାରକୁ ବାସଗୃହ, ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା, ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ସରକାର ଖର୍ଚ୍ଚ ବହନ କରିବା, ପଛୁଆ ବର୍ଗଙ୍କୁ ୨୭ଭାଗ ଶିକ୍ଷା, ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା, ବିଧବା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗଙ୍କୁ ୩ହଜାର ଟଙ୍କା ଭତ୍ତା, କୃଷି ଋଣ ଛାଡ଼, ଚାଷୀଙ୍କୁ ପେନସନ ସମେତ ଅନେକ ଦାବି ନେଇ ଏହି ନ୍ୟାୟ ଯାତ୍ରା କରିବାର ମୂଳ ଲକ୍ଷ୍ୟ ରହିଛି। ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରୁ ଏହି ଯାତ୍ରା ବାହାରିଛି।

# ସଫେଇ ନାଳରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ

**ବଡ଼ଚଣା,୧।୨(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସପନପୁର ଗ୍ରାମ ରାସ୍ତାର ସଫେଇ ନାଳରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଉତ୍ସବରେ ବିଭାଗୟ ସହକାରୀ ଯନ୍ତ୍ରୀ ଅନିଲ ସେଠୀ, ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲିକ, ସଞ୍ଜୟ ବେହେରା, ସରୋଜ ସିଂହ ଓ ସର୍ବେଶ୍ୱର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ କୋଟି ୮୧ ଲକ୍ଷ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ କରାଯିବ। ଏହା ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବ ବୋଲି କୁହାଯାଇଛି। ପରେ ବ୍ଲକ୍ ଅଧୀନ ନେଳିଆ ପଞ୍ଚାୟତର ରଙ୍ଗିଦାସପୁର ଗ୍ରାମରେ ସିଦ୍ଧେଶ୍ୱର ଗୋଷ୍ଠୀକେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ଧୀରେନ୍ଦ୍ର ନାଥ, ସରପଞ୍ଚ ଜୟନ୍ତ ସ୍ୱାଇଁ ଓ କପିଳ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ କିନ୍ନର ସମ୍ମିଳନୀ

**ଯାଜପୁର ଟାଉନ,୧।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲା କିନ୍ନର ସଂଘ (ଶାନ୍ତିସେନା)ପକ୍ଷରୁ ଗୁରୁବାର ରାଜ୍ୟସ୍ତରୀୟ କିନ୍ନର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏନେଇ ଯାଜପୁର ଦଶାଶ୍ୱମେଧ ଘାଟରୁ କଳସ ପୂଜା କରାଯାଇ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଘୋଡ଼ାଗାଡି, ବାଦ୍ୟ ଓ ପାରମ୍ପାରିକ ନୃତ୍ୟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ୩୦୦ରୁ ଉର୍ଦ୍ଧ୍ୱ କିନ୍ନର ଯୋଗଦେଇ ଯାଜପୁରସହର ପରିକ୍ରମା କରି ସ୍ଥାନୀୟ ଗଣେଶ ପ୍ୟାଲେସଠାରେ ପହଞ୍ଚିଥିଲେ। ସେଠାରେ କାଜଲ ନାୟକଙ୍କ ଚେଲା ଲବଲି ସାହୁଙ୍କ ମାତା ପୂଜା ଅନୁଷ୍ଠିତ ହୋଇଥିଲା। ମା' ବୋହୁଚରା ଠାକୁରାଣୀଙ୍କ ମଧ୍ୟ ପୂଜା କରାଯାଇଥିଲା। ଏହି ପୂଜାରେ ରାଜ୍ୟର କୋଣ ଅନୁକୋଣରୁ କିନ୍ନର ସାମିଲ ହୋଇଥିଲେ। କଳସ ପୂଜାରେ କିନ୍ନରମାନଙ୍କ ମହାଗୁରୁ ନାଜରା ନାୟକ, ବଡ଼ଦାଦି ଗୁରୁ ଗୀତା ନାୟକ, ଦାଦୀ ଗୁରୁ ଅଞ୍ଜଳି କିନ୍ନର, ଗୁରୁ କାଜଲ ନାୟକ, ରେଖା ମିଶ୍ର, ମିଠି ମା', ନନ୍ଦିନୀ ମା', ସୋନାଲି ମା', ଆଲିସା ମା', ମହାମାୟୀ, ମୀରା ମା', ମଧୁରିମା'ଙ୍କ ସମେତ ଶତାଧିକ କିନ୍ନର ଯୋଗଦେଇଥିଲେ।


କିନ୍ନରମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଅବହେଳିତ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଦାବି**

**ବ୍ରହ୍ମବରଦା,୧।୨(ଯଯାତି କେଶରୀ ବେହେରା):**

ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ରହିଛି। ଏଠାରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଜନବସତି ରହିଛି। ଅଞ୍ଚଳର ୫ରୁ୬ ପଞ୍ଚାୟତର ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ହେଲେ ଏଠାରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେଉନାହିଁ। ଫଳରେ ବ୍ରହ୍ମବରଦା ଓ ଏହାର ଆଖପାଖ ଅଞ୍ଚଳର ରୋଗୀ ଜରୁରୀକାଳୀନ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଲୋକେ ଘରୋଇ ଗାଡ଼ି ଭଡ଼ାକରି ଚିକିତ୍ସା କେନ୍ଦ୍ରକୁ ଯାଉଛନ୍ତି। ବ୍ରହ୍ମବରଦା ଅଞ୍ଚଳ ଦେଇ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟରାସ୍ତା ଯାଇଛି। ଫଳରେ ପ୍ରତିଦିନି ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ସମୟରେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କଲେ ତାହା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସୁଛି। ବ୍ରହ୍ମବରଦାରୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦୂରତା ପ୍ରାୟ ୧୮ କିମି ଏବଂ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ୨୦ କିମି। ତେଣୁ ଏତେ ଦୂରରୁ ୧୦୮ ଆମ୍ବୁଲାନ୍ସ ଆସି ରୋଗୀ କିମ୍ବା ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ନେଇ ପୁଣି ଚିକିତ୍ସା କେନ୍ଦ୍ରକୁ ଫେରିବାରେ ବହୁ ସମୟ ବିତିଯାଉଛି। ଫଳରେ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁବରଣ କରୁଛନ୍ତି।

ଏପରି ଘଟଣା ବ୍ରହ୍ମବରଦା ଅଞ୍ଚଳରେ ବାରମ୍ବାର ଘଟୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଚୁପ ବସିଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ମିର୍ଜା ମଜହୁର ହୁସେନଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବତନ ବିଧାୟକ ଦେବାଶିଷ ନାୟକଙ୍କ ଉଦ୍ୟମରେ ଏଠାରେ ଆମ୍ବୁଲାନ୍ସ ସେବା ୨୦୧୧ରେ ଯୋଗାଇ ଦିଆଯାଇଥିଲା। ୨୦୧୫ ବେଳକୁ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ତାହାକୁ ଅପସରଣ କରି ନିଆଯାଇଥିଲା। ସେହିଦିନଠାରୁ ଏଠାରେ ଆଉ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇନାହିଁ। ତେଣୁ ଏଠାରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ସରକାରଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରିଲେ ବହୁ ମୂଲ୍ୟବାନ ଜୀବନ ବାନ ବଞ୍ଚିଯାଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।



# ଜଳସମ୍ପଦ ବିଭାଗର ଅପାରଗତା ପଦାରେ ପଡ଼ିଲା

ପଟ୍ଟାମୁଣ୍ଡାଇ, ୧।୨ (କଳ୍ପତରୁ ନାୟକ)

କୃଷକଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ଚାଷୀ ସବୁବେଳେ ବିଭାଗୀୟ ଅଧିକାରୀଙ୍କ ରୋଷର ଶିକାର ହେଉଛନ୍ତି। ପଟ୍ଟାମୁଣ୍ଡାଇ କେନାଲ ଦ୍ୱାରା ଉତିକଣ ଅଞ୍ଚଳ ଚାଷଜମିକୁ ଜଳସେଚନ କରାଯାଇ ଚାଷ କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯାଇଛି। ମାତ୍ର ଜଳସମ୍ପଦ ବିଭାଗ ଅଧିକାରୀଙ୍କ ଅପାରଗତା ଯୋଗୁ ପୂର୍ତ୍ତ ବିଭାଗ ବାଇପାସ୍ ରାସ୍ତା ନିର୍ମାଣ କରୁଥିବା ଠିକାଦାର କେନାଲ ଖୋଳାପୋତା କରିବାରୁ ଅନେକ ସ୍ଥାନରେ ଅତଡ଼ା ଖସି କେନାଲ ପୋତି ହୋଇ ଶତାଧିକ ଏକର ଚାଷଜମିକୁ ପାଣି ଯିବାରେ ବ୍ୟାହତ ସୃଷ୍ଟି ହେଉଥିବା ବେଳେ ଏବେ ଆଉ ଏକ ବିପଦ ଘନେଇଛି। ବିଦ୍ୟୁତ୍ ବିଭାଗ କେନାଲର ପାର୍ଶ୍ୱ ପାଣିକୁ ଲଗାଇ ୩୩ କେଭି ବିଦ୍ୟୁତ୍‌ଖୁଣ୍ଟ ପକାଉଛନ୍ତି। ଯାହା କେନାଲ ପାଣିକୁ ନିତ୍ୟ ବ୍ୟବହାର କରୁଥିବା ଗ୍ରାମବାସୀ ଓ କୃଷକଙ୍କ ମନରେ ପାଣି ଚାର୍ଜ ହୋଇଯିବା ଭୟ ଖେଳିଯାଇଛି। ଜଳ ସମ୍ପଦ ବିଭାଗ ଅପାରଗତା ପାଇଁ ପୂର୍ତ୍ତ ବିଭାଗ ଶତାଧିକ ଚାଷୀଙ୍କ ପେଟକୁ ନାତ ମାରୁଥିବା ବେଳେ ବିଦ୍ୟୁତ୍ ବିଭାଗ ଜୀବନ ନେବାକୁ ବସିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।




କେନାଲରୁ ଅତଡ଼ା ଧସି ପୌର ପରିଷଦ ନୂଆ ଗୃହ ଓ ରାସ୍ତା ପ୍ରତି ବିପଦ ଦେଖାଦେଇଛି। କେନାଲ ଶଯ୍ୟାରେ ବିଦ୍ୟୁତ୍ ଖୁଣ୍ଟରେ ତାର ଲଗାଯାଉଛି।

- ବାଇପାସ୍ ରାସ୍ତା କାମରେ କେନାଲରୁ ଅତଡ଼ା ଖସିଲା
- ବିପଦରେ ନିର୍ମିତ ପୌର ପରିଷଦ ଗୃହ
- ବିଦ୍ୟୁତ୍ ବିଭାଗ ମନମାନୀ ପାଇଁ ଆତଙ୍କରେ କେନାଲ କୂଳବାସୀ

କୃଷକ ନେତା ବିଜୟ ଦାସ, ଅନନ୍ତ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ଓ ମହାକାଳପଡ଼ା ବ୍ଲକର ୨୧ ପଞ୍ଚାୟତ ଚାଷୀଙ୍କର ଏକମାତ୍ର ଭରସା ହେଉଛି ପଟ୍ଟାମୁଣ୍ଡାଇ କେନାଲ। ଏହି କେନାଲ ପାଣିରେ ଧାନ, ମୁଗ, ବିରି, ପନିପରିବା ଚାଷ ହେଉଥିବା ବେଳେ କେନାଲ ପାଖ ଗ୍ରାମର ଅଧିବାସୀ ଗାଧୁଆଗାଧି କରିବା ସହିତ ଗୃହପାଳିତ ପ୍ରାଣୀ ପାଣି ପିଇ ଥାନ୍ତି। ମାତ୍ର ଗତବର୍ଷ ଖରିଫ ଧାନଚାଷ ବେଳେ କେନାଲ ପାଣି କ୍ଷେତକୁ ପହଞ୍ଚି ପାରୁ ନ ଥିଲା। ଏବେ ରବି ଫସଲ ଚାଷ ପାଇଁ କେନାଲରେ ପାଣି ଛଡ଼ାଯାଇଥିବା ବେଳେ ପାଣି କ୍ଷେତକୁ ପହଞ୍ଚି ପାରୁନାହିଁ। ଶୁଣିବାକୁ ମିଳୁଛି, ନୂତନ ବାଇପାସ ରାସ୍ତା ନିର୍ମାଣ କାମ ଚାଲିଛି। ଠିକାଦାର ରାସ୍ତା କାମରେ ମାଟି ପକାଇବା ପାଇଁ କେନାଲ ମାଟି ବ୍ୟବହାର କରି ବନ୍ଧ କରୁଥିବାରୁ ଦୋହରା ଖସି ଇଚ୍ଛାପୁର-କଖାରୁଣୀ ପୋଲ ପର୍ଯ୍ୟନ୍ତ କେନାଲ ଶଯ୍ୟା ପୋତି ହୋଇଯାଇଛି। ଫଳରେ ଗୋବରୀ ସମ୍ପ୍ରସାରିତ କେନାଲକୁ ଆବଶ୍ୟକ ଜଳ ପ୍ରବେଶ କରୁନାହିଁ। ଏଥିରେ ୧୭ଟି ଛୋଟ ଶାଖା କେନାଲ ଓ ୫ଟି ମାଇନର କେନାଲ ଜଳ ପରିଚାଳନା ଠିକ୍ ଭାବେ ହେଉନାହିଁ। ଏଥିଯୋଗୁ ଖରିଫ ଧାନ ଚାଷ ପ୍ରଭାବିତ ହୋଇଥିବା ବେଳେ ଏବେ ରବି ଫସଲର ଉତ୍ପାଦନ ହ୍ରାସ ହେବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କୁ ପଚାରିବାରେ ଏପରିକାର୍ଯ୍ୟ ନ କରିବାକୁ ଠିକାଦାରଙ୍କ କୁହାଯାଇଛି। ବୁଦ୍ଧିଜୀବୀ ପ୍ରମୋଦ ସାହୁ କହିଛନ୍ତି, ବାଇପାସ ରାସ୍ତା କାମରେ ନିୟୋଜିତ ଠିକାଦାର କେନାଲ ବନ୍ଧକୁ ହାଣି ମାଟି ଉଠାଇ ପକାଉଥିଲେ। ରବି ଫସଲ ପାଇଁ କେନାଲ ପାଣି ଛଡ଼ା ଯିବାରୁ ବାଇପାସ ପୋଲ ପାଖରୁ ଅନତି ଦୂରରେ କେନାଲ ବନ୍ଧରୁ ୧୫ ଫୁଟର ଅତଡ଼ା ଖସି ପୌରପରିଷଦ ନୂତନ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଥିସହ ବେଲତଳ ଗାଁ ବଜାର ପ୍ରତି ବିପଦ ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଗିରି କହିଛନ୍ତି, ଜଳସମ୍ପଦ ବିଭାଗକୁ ଅବଗତ କରାଇ ମରାମତି କରାଯିବ। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଗୋବରୀ ସମ୍ପ୍ରସାରିତ କେନାଲ ଓ ଏହାର ଶାଖା କେନାଲ ଉପରେ ପଟ୍ଟାମୁଣ୍ଡାଇ ୧୭ଟି ପଞ୍ଚାୟତ ଓ ପୌରାଞ୍ଚଳର ୮ ଗ୍ରାମ ସମେତ ମହାକାଳପଡ଼ା ଅଞ୍ଚଳର ୫ଟି ପଞ୍ଚାୟତର ଚାଷଜମି ଜଳସେଚିତ ହୋଇ ଲକ୍ଷାଧିକ ଜନସାଧାରଣ ଏହି ପାଣି କାରବାର କରନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ୩୩ କେଭି ତାର, ଖୁଣ୍ଟ କେନାଲ ଶଯ୍ୟାକଡ଼ରେ ପକାଯାଇଛି। ଯଦି କୌଣସି କାରଣ ବଶତଃ ଚାର୍ଜ ହୁଏ ତେବେ ପାଣି ବ୍ୟବହାର କରୁଥିବା ଲୋକଙ୍କ ଜୀବନ ଅକାଳରେ ହାନି ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଜଳସମ୍ପଦ ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ପୂର୍ତ୍ତ ବିଭାଗ ଆମକଥା ଶୁଣୁ ନ ଥିବା ବେଳେ ବିଦ୍ୟୁତ୍ ବିଭାଗ ଆମକୁ ଅବଗତ କରିନାହାନ୍ତି ବୋଲି ସେ କହିଛନ୍ତି।

## କେନାଲ ବନ୍ଧ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ



ତିର୍ତ୍ତୋଲ, ୧।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁରଠାରୁ ଗୋପାଳପୁର (ଶଙ୍ଖେଶ୍ୱର) ପଞ୍ଚାୟତ ସରଳପୁର ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ନିର୍ମାଣ ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୬ କିଲୋମିଟର ଦୀର୍ଘ ରାସ୍ତା ନିମନ୍ତେ ଜଳସମ୍ପଦ ବିଭାଗ ତରଫରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଛି। ତିର୍ତ୍ତୋଲ ବ୍ଲକ ୧ନଂ. ଜୋନର ଜିଲାପରିଷଦ ସଭ୍ୟା ରଂଜିତା ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମାୟଣି ପଣ୍ଡିତ ଅଭୟ ଦାଶ, ବ୍ୟାରେଜ ଡିଭିଜନର ସହକାରୀ ଯନ୍ତ୍ରୀ ଲଲାଟେନ୍ଦୁ ଜେନା, ପୂର୍ବତନ ସମିତି ସଭ୍ୟ ହାଜିଶେଖ କଲ୍ଲୀମୁଲ୍ଲା, ପୂର୍ବତନ ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନାଲ ବନ୍ଧଟି ଦୀର୍ଘଦିନ ହେବ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଏହାଉପରେ ତିର୍ତ୍ତୋଲ ବ୍ଲକର ୫ଟି ପଞ୍ଚାୟତ ସମେତ କେନ୍ଦ୍ରାପଡ଼ା ଜିଲାର ବହୁ ଜନସାଧାରଣ ନିର୍ଭରଶୀଳ । ଏନେଇ କେନାଲ ବନ୍ଧ ନିର୍ମାଣ ନିମନ୍ତେ ସ୍ଥାନୀୟ ଅଧିବାସୀମାନେ ବାରମ୍ବାର ଦାବି କରିଆସୁଥିଲେ।

## ବୁଦ୍ଧି, କୌଶଳ ପ୍ରୟୋଗ ଆତ୍ମରକ୍ଷାର ଅସ୍ତ୍ର

### ରେଢୁଆ ବିସି ଜୁନିଅର କଲେଜ

ରଘୁନାଥପୁର, ୧।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ଜୁନିୟର କଲେଜରେ ଅନୁଷ୍ଠିତ ୭ ଦିନ ବ୍ୟାପୀ ବାଳିକା ଆତ୍ମସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟାପକ ଭଗବାନ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆବଶ୍ୟକସ୍ଥଳେ ଉପସ୍ଥିତ ବୁଦ୍ଧି ଖଟାଇ କୌଶଳର ପ୍ରୟୋଗ କରିବା ପାଇଁ ବାଳିକାମାନଙ୍କୁ ପରାମର୍ଶ ଦେଇଥିଲେ। କାରଣ ବୁଦ୍ଧି ଓ କୌଶଳ ଆତ୍ମରକ୍ଷାର ଅସ୍ତ୍ର ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ବାଳିକାମାନଙ୍କୁ ଝାନ୍ସୀ ରାଣୀଙ୍କ ଭଳି ବୀରତ୍ୱର ଉପାଖ୍ୟାନ ଦେଇ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ କେଦାର ମୁଦୁଲି, ସରୋଜ ମିଶ୍ର, ମନୋଜ ଦାସ, ଆଲୋକ ପ୍ରଧାନ, ସ୍ମିତାରାଣୀ ପ୍ରଧାନ, ସ୍ୱାଗତିକା ଦାସ, ଯାଜ୍ଞସେନୀ ରାଉତ ଓ ସ୍ୱର୍ଣ୍ଣପ୍ରଭା ମଲ୍ଲିକ ଏ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରୋଗ୍ରାମ ଅଫିସର ସୌମ୍ୟାଶ୍ରୀ ମହାନ୍ତିଙ୍କ ପରିଚାଳନାରେ କଲେଜର ୧୪୯ ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ପ୍ରିୟଙ୍କା ନାୟକ ଓ ପ୍ରତ୍ୟୁଷା ଭୋଳ ତାଲିମ ପ୍ରଦାନ କରିଥିଲେ। ଅତିଥିଙ୍କ ଉପସ୍ଥିତିରେ ଛାତ୍ରୀମାନେ ଶିଖିଥିବା କୌଶଳ ପ୍ରଦର୍ଶନ କରିବା ସହ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରୋଗ୍ରାମ ଅଫିସର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଗଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ

କୁଜଙ୍ଗ, ୧।୨ (ମନୋଜ ପ୍ରଧାନ)

ଗଛରେ ପିଟି ହୋଇଯିବାରୁ ପାରାଦୀପ ଲକ୍ ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ୧୫ ନମ୍ବର ନିକଟରେ ଗୁରୁବାର ରାତିରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ବେଲାରି ନୂଆଗାଁ ଗ୍ରାମର ସରୋଜ ସାହୁଙ୍କ ପୁଅ ସୌମ୍ୟ ରଞ୍ଜନ ପଟ୍ଟନାୟକ। ସେ ଗୁରୁବାର ରାତି ପ୍ରାୟ ୮ଟା ୩୦ରେ କଟକରୁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରି ଏକ ବାଇକ୍‌ରେ କଟକ-ପାରାଦୀପ ରାସ୍ତାରେ ଘରକୁ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ୧୫ ନମ୍ବର ଗଡା ଆଗକୁ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ। ଖବରପାଇ ଦେବଦୁତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇଙ୍କ ସମେତ କେତେ ଜଣ ସଦସ୍ୟ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରତର ଅବସ୍ଥାରେ ସୌମ୍ୟରଞ୍ଜନଙ୍କୁ ଉଦ୍ଧାର କରି କୁଜଙ୍ଗ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ଗାଡ଼ି ତାଙ୍କୁ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୌମ୍ୟରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ପାଇପ୍‌ଲାଇନ ଲିକ୍ ମରାମତି ଶେଷ : ଜନସାଧାରଣ ଆଶ୍ୱସ୍ତ

କୁଜଙ୍ଗ, ୧।୨ (ମନୋଜ ପ୍ରଧାନ)

ଭାରତୀୟ ତୈଳ ନିଗମ ପକ୍ଷରୁ ପାରାଦୀପରୁ ହାଇଦ୍ରାବାଦ ଯାଇଥିବା ପାଇପ ଲାଇନରେ ବୁଧବାର ଫାଟ ସୃଷ୍ଟି ହୋଇଥିଲା। କୁଜଙ୍ଗ ଥାନା ଅନ୍ତର୍ଗତ ବାଲେଇପୁର ପଞ୍ଚାୟତର ବଳେଇପୁର-ବନିପାଟ ରାସ୍ତାର କଲଭର୍ଟ ନିକଟରେ ଏହି ପାଇପଲାଇନ୍ ଲିକ୍ ହୋଇ ସେଥିରୁ ତେଲ ବାହାରୁ ଥିଲା। ଖବରପାଇ ପାଇପଲାଇନ ଡିଭିଜନର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ପହଞ୍ଚି ଲିକ୍ ମରାମତି କରିଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଏହି କାର୍ଯ୍ୟ ଶେଷ ହୋଇଥିଲା। ଉକ୍ତ ପାଇପ ଲାଇନରେ ଲିକ୍ ହେବା ଯୋଗୁ ପ୍ରାୟ ୧ ହଜାର ଲିଟରରୁ ଊର୍ଦ୍ଧ୍ୱ ତେଲ ବହିଯାଇଛି। ସେଥିରୁ କିଛି ତେଲ ବିଭାଗ ପକ୍ଷରୁ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ନିର୍ଗତ ତେଲ ଯୋଗୁ ବିଶେଷ କ୍ଷତି ହୋଇ ନ ଥିଲେ ମଧ୍ୟ ୨/୩ ଜଣ ଚାଷୀଙ୍କ ଚାଷ ଜମି ସାମାନ୍ୟ କ୍ଷତି ହୋଇଛି। ମାତ୍ର ଫାଟ ମରାମତି ପରେ ସ୍ଥାନୀୟ ଜନସାଧାରଣ ଓ ନିକଟସ୍ଥ ଚାଷୀ ଆଶ୍ୱସ୍ତି ଲାଭ କରିଛନ୍ତି। କୌଣସି ଅଘଟଣ ଆଶଙ୍କା କରି ଘଟଣାସ୍ଥଳରେ କୁଜଙ୍ଗ ପୋଲିସ ସମେତ ଏରସମା ଓ କୁଜଙ୍ଗ ଅଗ୍ନିଶମ ବାହିନୀ ଉପସ୍ଥିତ ଥିଲେ। ସାଧାରଣ ଲୋକଙ୍କୁ ସେଠାକୁ ଛଡାଯାଇ ନ ଥିଲା।



ପାଇପ୍ ଲାଇନ ମରାମତି କାର୍ଯ୍ୟ ଚାଲିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବରାଜ



@ ମନୋଜ



@ ଜଗଦୀଶ



@ ରାଜେଶ



@ ବିକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନାରୀ ସଶକ୍ତୀକରଣ ପ୍ରଗତିର ମାର୍ଗ

### ବୃନ୍ଦାବନ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଏରସମା, ୧।୨ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଗୋଡ଼ା ପଞ୍ଚାୟତସ୍ଥିତ ବୃନ୍ଦାବନ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୯ ତାରିଖରୁ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ପୂଜା ସାଇଁ ଯୋଗ ଦେଇ ୪୦ ଜଣ ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୌଭାଗ୍ୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତିକରଣ ପ୍ରଗତିର ପ୍ରକୃତ ମାର୍ଗ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟାପକ ତୁଷାର ଶିଖର ସ୍ୱାଇଁ, ସୁକାନ୍ତ କୁମାର ଜେନା, ନୃସିଂହ ଚରଣ ରଥ, ଅଧ୍ୟାପିକା ସୁଜାତା ମୁଦୁଲି, ପ୍ରୋଗ୍ରାମ ଅଫିସର୍ ଅନସୟା ବେହେରା ଉପସ୍ଥିତ ରହି ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଉପରେ ବକ୍ତବ୍ୟ ଦେଇଥିଲେ। ଶିବିରାର୍ଥୀଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ରାଜ୍ୟ କଂଗ୍ରେସର ଗଣମାଧ୍ୟମ ସଂଯୋଜକ ହେଲେ ବୀରେନ ଦଳେଇ

କୁଜଙ୍ଗ, ୧।୨ (ମନୋଜ ପ୍ରଧାନ)

ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ତଥା କୁଜଙ୍ଗ ଅଞ୍ଚଳର ଜଣାଶୁଣା



ଯୁବ ସଙ୍ଗଠକ ବୀରେନ କୁମାର ଦଳାଇ ରାଜ୍ୟ କଂଗ୍ରେସର ଗଣ ମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ଏନେଇ କୁଜଙ୍ଗ ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ଦାସ, ଜିଲା କୃଷକ ସେଲର ସଭାପତି ନୂତନ ଚନ୍ଦ୍ର ତ୍ରିପାଠୀ, ଓବିସି ସେଲର କୁଜଙ୍ଗ ବ୍ଲକ ସଭାପତି ଚିତ୍ତରଞ୍ଜନ ସାହୁ, ହରିଜନ ମୋର୍ଚ୍ଚାର ବ୍ଲକ ସଭାପତି ବିଶ୍ୱନାଥ ମଲ୍ଲିକ, ମହିଳା କଂଗ୍ରେସ ସଭାନେତ୍ରୀ ଜାନକୀ ମହାରଥା ପ୍ରମୁଖ ବୀରେନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ନିଯୁକ୍ତି ପାଇଁ ବୀରେନ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ପ୍ରଭାରି ଡ. ଅଜୟ କୁମାର, ଜାତୀୟ ମିଡିଆ ବିଭାଗ ଅଧ୍ୟକ୍ଷା ବବିତା ଶର୍ମା ଓ ରାଜ୍ୟ କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କଲେଜ ଅଧ୍ୟକ୍ଷଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ରଘୁନାଥପୁର, ୧।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଦୁର୍ବ୍ୟବହାର ଓ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ନୂଆ-ଓ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଧ୍ୟକ୍ଷ ଦୟାନିଧି ରାଉତରାୟ ପୁରାତନ ଛାତ୍ର ସଂସଦ ସଭାପତି ଅମ୍ବିକା ପ୍ରସାଦ ଦାସଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅମ୍ବିକାଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରାଯିବା ନେଇ ଅଧ୍ୟକ୍ଷଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଯଥାକ୍ରମେ ମାମଲା (ନଂ.୩୧/୨୪ ଓ ନଂ.୩୨/୨୪) ରୁଜୁ ହୋଇଛି। ଏସ୍‌ଆଇ ଦେବରାଜ ପ୍ରଧାନ ଓ ଏ.ନାୟକ ଗୁରୁବାର କଲେଜରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଗତ ମଙ୍ଗଳବାର କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ହେବାର ଥିଲା। ଏଥିପାଇଁ ଅତିଥି ମଧ୍ୟ ଆସିଥିଲେ। ତେବେ କେତେଜଣ ପିଲାଙ୍କୁ ମତେଇ ଅମ୍ବିକା କଲେଜ ଗେଟକୁ ବନ୍ଦ କରିଦେଇଥିଲେ। ଏଥିସହ କାର୍ଯ୍ୟକ୍ରମ କରାଇ ଦେଇ ନ ଥିଲେ ବୋଲି ଅଧ୍ୟକ୍ଷ ରାଉତରାୟ ଅଭିଯୋଗରେ ଦର୍ଶାଇଛନ୍ତି। ପୁଣି ବୁଧବାର ଅପରାହ୍ନରେ ଅଧ୍ୟକ୍ଷ ରାଉତରାୟ ଘରକୁ ଫେରୁଥିବାବେଳେ ଅମ୍ବିକା ତାଙ୍କୁ ମାଡ଼ ମାରିଥିବା ନେଇ ସେ ପୁନର୍ବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅମ୍ବିକାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ଏହି କଲେଜର ଜଣେ କର୍ମଚାରୀ । ସେ ତାଙ୍କୁ କଲେଜରୁ ନେବାକୁ ଆସିଥିବାବେଳେ ଅଧ୍ୟକ୍ଷ ରାଉତରାୟ ତାଙ୍କ ଉପରେ ଆକ୍ରମଣ କରିଥିଲେ। ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ପୂର୍ବରୁ ଉଭୟ ଅଧ୍ୟକ୍ଷ ଓ ଛାତ୍ର ସଂସଦ ସଭାପତିଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା। ସେତେବେଳେ ଉଭୟ ମିଳିମିଶି କଲେଜର କାର୍ଯ୍ୟକ୍ରମ କରୁଥିବା ନଜିର ରହିଛି। ଏବେ କଲେଜକୁ ଆସିଥିବା ଅନୁଦାନ ଅର୍ଥ ଖର୍ଚ୍ଚ ହେବାକୁ ନେଇ ଏପରି ପରିସ୍ଥିତି ଉପୁଜିଥିବା ଚର୍ଚ୍ଚା ହେଉଛି।

## ରେଢୁଆ ସମବାୟ ସମିତିରେ ମିଳୁନି ରେକର୍ଡପତ୍ର

### ଟଙ୍କା ଉଠାଇ ନ ପାରି ଚାଷୀ ହନ୍ତସନ୍ତ

ରଘୁନାଥପୁର, ୧।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ କୃଷି ସେବା ସମବାୟ ସମିତିରେ ଗତ ଏକମାସ ଧରି ଅବ୍ୟବସ୍ଥା ଲାଗି ରହିଛି। ସମିତିରେ ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ପତ୍ର ଉପଲବ୍ଧ ନ ଥିବାରୁ ଚାଷୀମାନେ ଜମା ରଖିଥିବା ଟଙ୍କା ଉଠାଇ ନପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ଦୁର୍ନୀତି ଅଭିଯୋଗରେ ଏହି ସମିତିର ସମ୍ପାଦକ ସୁରେନ୍ଦ୍ରନାଥ ଦାଶ ଓ ସହ ସମ୍ପାଦକ ପ୍ରକାଶ ମହାପାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ଏହି ସମିତି ଅଫିସ କାର୍ଯ୍ୟ ସମ୍ପାଦନ ପାଇଁ ଏହି ବ୍ଲକ ଅଧୀନ ରାଢ଼ଙ୍ଗ ଓ ଜିରା କୃଷି ସେବା ସମବାୟ ସମିତି ଦାୟିତ୍ୱରେ ଥିବା ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏକସଙ୍ଗେ ୩ ସମିତି କାର୍ଯ୍ୟ ଚଳାଇବା କଷ୍ଟକର ହେଉଥିବାରୁ ସ୍ୱାଇଁ ଚାଷୀଙ୍କ ଆକ୍ରୋଶର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ନିଲମ୍ବିତ ସମ୍ପାଦକ ଦାଶ କ୍ୟାଶ୍‌ବୁକ ଭଳି ଅନେକ ରେକର୍ଡ ଅଦ୍ୟାବଧି ହସ୍ତାନ୍ତର କରି ନ ଥିବାରୁ ରେଢୁଆ ସମିତିରେ ସ୍ଥିତି ଜଟିଳ ହୋଇଛି ବୋଲି ଦାୟିତ୍ୱରେ ଥିବା ସମ୍ପାଦକ ସ୍ୱାଇଁ ପ୍ରକାଶ କରିଛନ୍ତି। ସମିତି ସଭାପତି ପ୍ରଦୀପ୍ତ ମହାନ୍ତି ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇବା ପରେ ନିଲମ୍ବିତ ସମ୍ପାଦକଙ୍କ ଅଫିସ କିମ୍ବା ଘରୁ ରେକର୍ଡପତ୍ର ଜବତ କରିବା ପାଇଁ ଉପଜିଲାପାଳ ଚିଠି (ନଂ.୧୭୫୫୮- ୩୦/୧୨/୨୦୨୩)ରେ ପୋଲିସକୁ ଆଦେଶ ଦେଇଥିଲେ। ଏହାପରେ ରଘୁନାଥପୁର ପୋଲିସ ଗତ ୧୫ ଦିନ ତଳେ ସମିତି କାର୍ଯ୍ୟାଳୟରେ ଥିବା ଗୋଦ୍‌ରେଜ ଆଲମିରା ଭାଙ୍ଗି ତନଖି କରିଥିଲେ ସୁଦ୍ଧା ସେଥିରୁ ଅଧିକାଂଶ କାଗଜ ମିଳି ନ ଥିଲା। ଅଦ୍ୟାବଧି ସମ୍ପାଦକଙ୍କ ଘର ତନଖି ହୋଇ ନ ଥିବାରୁ ଜରୁରୀ ରେକର୍ଡପତ୍ର ମିଳିବା ନେଇ ସନ୍ଦେହ ଉପୁଜିଛି। ଅନ୍ୟପକ୍ଷେ ମେଡିକାଲ କ୍ଷେତ୍ରରେ ହେଉ କିମ୍ବା ଝିଅ ବିବାହ ପାଇଁ ହେଉ ଜରୁରୀ ସମୟରେ ଲୋକେ ସମିତିରେ ରଖିଥିବା ଟଙ୍କା ଉଠାଇପାରୁ ନାହାନ୍ତି। ଏପରି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ସମିତି ସଭାପତି ନାଚାର ଥିବା କହିଛନ୍ତି। ସ୍ଥାନୀୟ ଅଧିବାସୀ ଦିଲୀପ ରଥ ସମିତିରୁ ଟଙ୍କା ଉଠାଇବା ପାଇଁ ବାରମ୍ବାର ଦୌଡି ନିରାଶ ହେବା ପରେ ଏଭଳି ସମ୍ବେଦନଶୀଳ ଘଟଣାରେ ପ୍ରଶାସନ ନିରବ ରହିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ଅଭିଯୋଗ କରିଛନ୍ତି। ପୂର୍ବତନ ସମ୍ପାଦକଙ୍କଠାରୁ ତୁରନ୍ତ ରେକର୍ଡ ପତ୍ର ଉଦ୍ଧାର କରି ସମିତିକୁ ସ୍ୱାଭାବିକ କରିବା ପାଇଁ ସଭାପତି ମହାନ୍ତି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।



# ଭେଟବର ବନ୍ଧ ଚାଷୀ ସମାବେଶରେ ଉତ୍ତେଜନା

■ ପାନୀୟ ଜଳ ପ୍ରକଳ୍ପର ଠିକାଦାରଙ୍କ ଅସ୍ଥାୟୀ ଗୃହକୁ ଭାଙ୍ଗିଲେ ଚାଷୀ

■ ଚାଷୀଙ୍କ ବନ୍ଧରେ ପାନୀୟଜଳ ପ୍ରକଳ୍ପକୁ ହେଉଥିଲା ବିରୋଧ

■ ବନ୍ଧ ପୁନରୁଦ୍ଧାର ନ କରି ଚାଷୀ ଓ ଚାଷକୁ ଅଣଦେଖାର ବିସ୍ଫୋରକ ରୂପ

ନୟାଗଡ଼/ରଣପୁର,୧।୨ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ଚାଷୀ ଓ ଚାଷ ପାଇଁ କରାଯାଇଥିବା ନୟାଗଡ଼ ଜିଲା ରଣପୁର ବ୍ଲକର ଭେଟବର ବନ୍ଧରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପରେ ଚାଷୀଙ୍କ ଆନ୍ଦୋଳନ ଗୁରୁବାର ବିସ୍ଫୋରକ ରୂପ ନେଇଛି। ଭେଟବର ବନ୍ଧରେ ଗୁରୁବାର ଚାଷୀ ସମାବେଶ ପରେ ପାନୀୟଜଳ ପ୍ରକଳ୍ପର ଠିକାଦାରଙ୍କ ଅସ୍ଥାୟୀ ଗୃହ ଓ ଯନ୍ତ୍ରାଂଶକୁ ଚାଷୀ ମିଳିତ ହୋଇ ଭଙ୍ଗାରୁଜା କରିଛନ୍ତି। ବନ୍ଧରେ ପାନୟଜଳ ପ୍ରକଳ୍ପ କରାଇ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ପୂର୍ବରୁ ଚାଷୀଙ୍କ ବିରୋଧ ସତ୍ତ୍ୱେ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିଲା। ବନ୍ଧକୁ ପୁନରୁଦ୍ଧାର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଚାଷୀ ଓ ଚାଷକୁ ଅଣଦେଖା କରି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଜବରଦସ୍ତ କରାଯିବା ପରେ ଚାଷୀଙ୍କ ଆନ୍ଦୋଳନ ଦେଖା ଦେଇଛି।

ଅଭିଯୋଗ ଅନୁଯାୟୀ, ଭେଟବର ବନ୍ଧ ୧୯୭୨ରେ ଉଦ୍‌ଘାଟନ ହୋଇଥିଲା। ବନ୍ଧର ପାଣିକୁ ବନ୍ଧମୁଣ୍ଡା, କାଣ୍ଡପଡା, ବଳଭଦ୍ରପୁର, ମଝିଆଖଣ୍ଡ, ମହତପଲ୍ଲା, ଗୋପାଳପୁର ଆଦି ୬ ପଞ୍ଚାୟତ ଓ ରଣପୁର ଏନଏସିର କିଛି ୱାର୍ଡ ସମତେ ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଜମିରେ ପାଣି ମଡାଇ ଆସୁଥିଲେ। ଉଦ୍‌ଘାଟନ ସମୟରେ ୧୨୦ ଏକର ଜମିରେ ପାଣି ରହୁଥିଲା। ବନ୍ଧର ପୁନରୁଦ୍ଧାର କରା ନ ଯିବାରୁ ଅମରି ବଣ ସହ ବନ୍ଧ କାଳକ୍ରମେ ପୋତି ହୋଇଗଲା। ଏବେ ପ୍ରାୟ ୬୦ ଏକର ଜମିରେ ପାଣି ରହୁଛି। ୧୨ ଶହ ୧୫ ହେକ୍ଟର ଜମିରେ ଜଳ ମାଡୁଛି ବୋଲି କୁହାଯାଉଛି। ଭେଟବର ବନ୍ଧ ଯୋଗୁ ମରୁଡ଼ି ସମୟରେ ଜଳସେଚନ କରି ଧାନ ଫସଲ ଓ ଅନାନ୍ୟ ଫସଲ ବଞ୍ଚି ପାରୁଛି। ଏଭଳିସ୍ଥଳେ ଚାଷୀ ଓ ଚାଷର ସୁବିଧା ପାଇଁ ବ୍ୟବସ୍ଥା ନ କରି ଚାଷୀର ଜଳକୁ ରଣପୁର ସହରର ୧୫ ୱାର୍ଡକୁ ପାନୀୟ ଜଳ ରୂପେ ଯୋଗାଇବାକୁ ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ୪୮ କୋଟି ଟଙ୍କା ମଞ୍ଜୁର କରାଯାଇ ରଣପୁର ସହରରେ ଦିନକୁ ୧ଲକ୍ଷ ୨୦ ହଜାର ଲିଟର ପାଣି ଯୋଗାଇବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭେଟବର ବନ୍ଧ ଭିତରେ ଏକଗଭୀର ନଳକୂପ ଖନନ କରାଯାଇ କାର୍ଯ୍ୟ ଚାଲିଥିଲା। ଗୁରୁବାର ପୂର୍ବାହ୍ନରେ ମା'ଖିଲାମୁଣ୍ଡା କୃଷକ ମହାସଂଘ ନେତୃତ୍ୱରେ ବନ୍ଧମୁଣ୍ଡା, କାଣ୍ଡପଡା, ମଝିଆଖଣ୍ଡ, ବଳଭଦ୍ରପୁର, ମହତପଲ୍ଲା ଅଞ୍ଚଳର ପ୍ରାୟ ୩ହଜାର ଚାଷୀ ଭେଟବର ବନ୍ଧ ନିକଟରେ ଏକତ୍ରିତ ହୋଇଥିଲେ। ଚାଷୀ ଓ ଚାଷ ପ୍ରତି ଅଣଦେଖା କରି ବନ୍ଧର ପୁନରୁଦ୍ଧାର କରାଯାଉ ନ ଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ପାନୀୟ ଜଳ ପ୍ରକଳ୍ପକୁ ଚାଷୀଙ୍କ ବିରୋଧ ସତ୍ତ୍ୱେ କ୍ଷୁଦ୍ର ଜଳସେଚନ ବିଭାଗ, ଜିଲା ପ୍ରଶାସନ, ବିଧାୟକ ଆଲୋଚନା ନ କରିବାରୁ ଚାଷୀ ତାତି ଥିଲେ। ପରେ ଠିକାଦାରଙ୍କ ଅସ୍ଥାୟୀ ଘର ଓ ପାନୀୟ ଜଳ ପ୍ରକଳ୍ପର ଯନ୍ତ୍ରାଂଶକୁ ଭାଙ୍ଗି ଦେଇଥିଲେ।

ଏନେଇ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କ୍ଷିତିଶ କୁମାର ତ୍ରିପାଠୀ କୁହନ୍ତି, ଭେଟବର ବନ୍ଧର ପୁନରୁଦ୍ଧାର, ମରାମତି ଓ ଥଇଥାନ ପାଇଁ ୬ କୋଟି ଟଙ୍କା ବ୍ୟୟ ନିମନ୍ତେ ଏକ ପ୍ରସ୍ତାବ ସରକାରଙ୍କୁ ଦିଆଯାଇଛି। ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଲେ କାମ କରାଯିବ। ରଣପୁର ଏନଏସିର ଯନ୍ତ୍ରୀ ବିନୋଦ ସାହୁ କୁହନ୍ତି, ଭେଟବର ବନ୍ଧରୁ ପାନୀୟ ଜଳ ରଣପୁର ସହରକୁ ଯୋଗାଣ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ଅନୁମତି ଦେଇଛି। କ୍ଷୁଦ୍ର ଜଳସେଚନ ବିଭାଗ ଚାଷୀ ବିବାଦର ସମାଧାନ କରିପାରିବ ବୋଲି ସେ କହିଛନ୍ତି।


ଭେଟବର ବନ୍ଧରେ ଚାଷୀମାନଙ୍କ ସମାବେଶ ।

## ଜିଲା ମୁଖ୍ୟ ଚିକିତ୍ସାଳୟ ଅଚାନକ ପରିଦର୍ଶନ କଲେ ଜିଲାପାଳ



ନୟାଗଡ଼,୧।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳ ସ୍ୱଧା ଦେବ ସିଂ ଗୁରୁବାର ଅପରାହ୍ନରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ପରିଦର୍ଶନ କରି ଆମ ହସପିଟାଲ ଯୋଜନାରେ ଚାଲିଥିବା କାର୍ଯ୍ୟକୁ ସମୀକ୍ଷା କରିଛନ୍ତି। ଲେବର ରୁମ୍ ବୁଲିବା ସହ ୧୦୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିସିନ୍ ଓ ସର୍ଜରୀ ୱାର୍ଡ ପରିଦର୍ଶନ କରିଥିଲେ । ବ୍ଲଡ ବ୍ୟାଙ୍କ, ଗାଡ଼ି ପାର୍କିଂ, ହେଲ୍ପ ଡେକ୍ସ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ଡାକ୍ତର ସମସ୍ୟା ଉପରେ ପଚାରି ବୁଝିଥିଲେ ।

## ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପାଇଁ ନିବେଦନ

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଦରମା ବୃଦ୍ଧି, ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ନିବେଦନ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ନୟାଗଡ଼ ଜିଲା ଖଣ୍ଡପଡ଼ାର ସବିତା ଦାଶଙ୍କ ସମେତ ୪ଜଣ ଅଙ୍ଗନୱାଡି କର୍ମୀ ଏହି ମାମଲା କରାଇଛନ୍ତି। ମାମଲାରେ କେନ୍ଦ୍ର ସରକାରଙ୍କର ଶିଶୁ ଓ ମହିଳା ବିକାଶ ବିଭାଗର ସଚିବ, ରାଜ୍ୟ ସରକାରଙ୍କର ପ୍ରମୁଖ ଶାସନ ସଚିବ, ଶିଶୁ ଓ ମହିଳା ବିକାଶ ବିଭାଗ, ଜିଲାପାଳ ନୟାଗଡ଼ ଓ ପ୍ରେଜେକ୍ଟ ଅଧିକାରୀ ଖଣ୍ଡପଡ଼ା ବ୍ଲକ୍‌କୁ ପକ୍ଷ ଭୁକ୍ତ କରାଯାଇଛି। ତାମିଲନାଡୁ, ଦିଲ୍ଲୀ, ତେଲେଙ୍ଗାନା, ମଧ୍ୟପ୍ରଦେଶ ସରକାର ଦେଉଥିବା ଦରମା ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ଅଭିଯୋଗ ରହିଛି, ଅଙ୍ଗନୱାଡି କର୍ମୀ ଓ ସହାୟିକା କେନ୍ଦ୍ର ସରକାରଙ୍କ କର୍ମଚାରୀ ହୋଇଥିଲେହେଁ ରାଜ୍ୟ ସରକାରଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ଅଙ୍ଗନୱାଡି କର୍ମୀ ଓ ସହାୟିକା ମୂଳ କାର୍ଯ୍ୟ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ନିଯୁକ୍ତି ମିଳିଛି। ତେବେ ଭୋଟର ଲିଷ୍ଟ ସର୍ଭେ, ଜନଗଣନା, ଜାତିଭିତ୍ତିକ ସର୍ଭେ, ଟୀକା, ଡେଙ୍ଗୁ, ମ୍ୟାଲେରିଆ ପରି ସବୁ କାର୍ଯ୍ୟରେ ଅଙ୍ଗନୱାଡି କର୍ମୀଙ୍କୁ ସାମିଲ କରାଯାଉଛି। କିନ୍ତୁ ପରିଶ୍ରମ ତୁଳନାରେ ଜଣେ ଅଙ୍ଗନୱାଡି କର୍ମୀ ଓ ସହାୟିକା ପାରିଶ୍ରମିକ ପାଉନାହାନ୍ତି। ଜଣେ ଅଙ୍ଗନୱାଡି କର୍ମୀ ମାସକୁ ୭ ହଜାର ୫୦୦ ଟଙ୍କା ଓ ଜଣେ ଅଙ୍ଗନୱାଡି ସହାୟିକା ୪ ହଜାର ୫୦୦ ଟଙ୍କା ପାଉଛନ୍ତି। ଜଣେ ଦିନ ମଜୁରିଆ ଦିନକୁ ୩୭୩ ହିସାବରେ ମାସକୁ ୧୧ ହଜାର ୧୯୦ ଟଙ୍କା ଓ ଜଣେ କୁଶଳୀ ଶ୍ରମିକ ଦିନକୁ ୪୩୫ ଟଙ୍କା ହିସାବରେ ମାସକୁ ୧୩ ହଜାର ୫୦ ଟଙ୍କା ରୋଜଗାର କରୁଛନ୍ତି। ଶ୍ରମିକଙ୍କ ରୋଜଗାରକୁ ଦେଖିଲେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଦରମା କିଛି ନୁହଁ। ଜଣେ ଅଙ୍ଗନୱାଡି କର୍ମୀଙ୍କ ଯୋଗ୍ୟତା ମାଟ୍ରିକ ପାସ ଥିବାବେଳେ ସମାନ ଯୋଗ୍ୟତାର ସରକାରୀ କର୍ମଚାରୀ ମାସକୁ ୪୦ ହଜାରରୁ ଊର୍ଦ୍ଧ୍ୱ ପାଉଛନ୍ତି। ଛୁଟି ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପାଇଁ ନାହିଁ କହିଲେ ଚଳେ। ଏଣୁ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ସମସ୍ୟାକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଡି- ଡବ୍ଲୁପି(ସି) /୪୭୨୭/ ୨୦୨୪ ଏବଂ ସିଏନ୍‌ଆର ଓଡିଏଚସି୦୧୦୦୮୦୪୮୨୦୨୪ରେ ମାମଲା ହୋଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦେବରାଜ


@ ମନୋଜ


@ ଜଗଦୀଶ


@ ରାଜେଶ


@ ବିକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆମ ପୋଲିସ ସମିତି ବୈଠକ | ନିର୍ବାଚନ ପୂର୍ବରୁ ସତର୍କ ରହିବାକୁ ପରାମର୍ଶ

ଭାପୁର,୧।୨(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧୀନ ଭାପୁର ଫାଣ୍ଡି ପକ୍ଷରୁ ଆମ ପୋଲିସ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଭାପୁର ଫାଣ୍ଡି ଅଧିକାରୀ ଏମ୍‌ଡି ଜାଫୁଲାଙ୍କ ରାଜସୁନାଖଳାକୁ ବଦଳି ପରେ ନୂତନ ଫାଣ୍ଡି ଅଧିକାରୀ ଭାବେ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ପରିଡ଼ା। ଫାଣ୍ଡି ଅଧିକାରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଫତେଗଡ଼ ଥାନାଧିକାରୀ ସୁଜିତ କୁମାର ଦାସ ଯୋଗଦେଇ ଖବରଦାତା , ପୋଲିସ ଓ ଜନପ୍ରତିନିଧି ମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଭାପୁର ଫାଣ୍ଡି ଅଞ୍ଚଳର ବିଜିପୁର , ଶାଳପଡା ଓ ଗୋଳାପୋଖରୀ ପଞ୍ଚାୟତର ବୃଦ୍ଧିଜୀବୀ, ଭାପୁର ବଣିକ ସଂଘର ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ, ଭାପୁର ବ୍ଲକର ସମସ୍ତ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ଗାଁ ଗହଳିର ସମସ୍ୟାଉପରେ ଆଲୋଚନା କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଫାଣ୍ଡି ଅଞ୍ଚଳରେ ଯେ କୌଣସି ସ୍ଥାନରେ ଚୋରା ନିଶା କାରବାର କିମ୍ବା କୌଣସି ଗଣ୍ଡଗୋଳ ସୂଚନା ପାଇଲେ ତୁରନ୍ତ ଫତେଗଡ଼ ଥାନାଧିକାରୀ, ଫାଣ୍ଡି ଅଧିକାରୀ କିମ୍ବା ୧୧୨ ନମ୍ବରକୁ ଫୋନକରି ଜଣାଇବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫତେଗଡ ଥାନାର ଏଏସ୍‌ଆଇ ପ୍ରତାପ ଚନ୍ଦ୍ର ପାହଡସିଂ ଓ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭାଜପାର ନୟାଗଡ଼ ମଣ୍ଡଳ ଟିମ୍ ଘୋଷଣା

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ନୟାଗଡ଼ ନିର୍ବାଚନ ମଣ୍ଡଳୀର ନୟାଗଡ଼ ମଣ୍ଡଳ ପାଇଁ ଭାଜପା ପକ୍ଷରୁ ୮ ସଭାପତି ଓ ୧୬ ସାଧାରଣ ସମ୍ପାଦକ ନିଯୁକ୍ତି ପାଇଛନ୍ତି। ନୟାଗଡ଼ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ପୂର୍ବତନ ଏମ୍‌ପି ତଥା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟା ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏବଂ ଜିଲା ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଣ୍ଡାଙ୍କର ଅନୁମୋଦନ କ୍ରମେ ୨୪ ଜଣ ନିଯୁକ୍ତି ପାଇଛନ୍ତି। ମଣ୍ଡଳ ସଭାପତି ଭାବେ ମାଧବ ସାହୁ, ନୃସିଂହ ଚରଣ ମହାପାତ୍ର, ଟୁକୁନା ଖିଲାର, ରଜନୀ କାନ୍ତ ନନ୍ଦ, ରମେଶ ମିଶ୍ର, ମନୋଜ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ପାଳ, ସନ୍ତୋଷ ରାଉତରାୟ ନିଯୁକ୍ତି ପାଇଛନ୍ତି। ସେହିପରି ରାମହରୀ ଚୌଧୁରୀ, ପ୍ରକାଶ ସେଠୀ, ଶରତ କୁମାର ସାମଲ, ପ୍ରଦୀପ କୁମାର ନାୟକ, ସୁଶାନ୍ତ କୁମାର ସାହୁ, ସଞ୍ଜୟ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ବସନ୍ତ କୁମାର ନାୟକ, ଗୋପାଳ ଚନ୍ଦ୍ର ସ୍ୱାଇଁ, ସତ୍ୟବାନ ନାୟକ, ଲବ ମହାରଣା, ଲକ୍ଷ୍ମୀଧର ମହାପାତ୍ର, ଦିଲୀପ ପ୍ରଧାନ, ଦିବ୍ୟରଞ୍ଜନ ସାହୁ, ବିଭୁପ୍ରସାଦ ପଟ୍ଟନାୟକ, ଶିଶିର ନାୟକ ପ୍ରମୁଖ ୧୬ ଜଣ ସାଧାରଣ ସମ୍ପାଦକ ଭାବେ କାମ କରିବେ ବୋଲି ଘୋଷଣା କରାଯାଇଛି ।

## ପ୍ରଧାନ ଶିକ୍ଷକ, ୨୪ ଛାତ୍ରୀଛାତ୍ରଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ରଣପୁର,୧।୨
(ସୁକାନ୍ତ କିଶୋର ଡାକୁଆ)

ଶିକ୍ଷାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ଲାଗି ଶିକ୍ଷା ବ୍ୟବସ୍ଥାରେ ନୂଆ ବିପ୍ଳବ ଆଣିବା ପାଇଁ ଆରମ୍ଭ ହୋଇଛି ଅଭିନବ ପ୍ରୟାସ । ଜିଲା, ବ୍ଲକ, ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ, ପୁରାତନ ଛାତ୍ର କମିଟି, ଗ୍ରାମ ପଞ୍ଚାୟତ, ଶିକ୍ଷା ଅଧିକାରୀ, ବିଦ୍ୟାଳୟକୁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର । ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଦୁଇଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି।

ଏହି ଅବସରେ ନୟାଗଡ଼ ଜିଲା ରଣପୁର ବ୍ଲକର ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ସେହିପରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣାଙ୍କୁ ମଧ ଏହି ପୁରସ୍କାର ମିଳିଛି । ପ୍ରଧାନ ଶିକ୍ଷକଙ୍କ ସହିତ ସହକାରୀ ଶିକ୍ଷୟିତ୍ରୀ ପଦ୍ମାବତୀ ବେହେରା ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ। ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ରଣପୁର ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ, ବ୍ଲକ ଶିକ୍ଷା ଅଧିକାରୀ ରସାନନ୍ଦ ପ୍ରଧାନ, ବି.ଆର.ଟି. ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରଣପୁର ବ୍ଲକର ୨୪ ମେଧାବୀ ଛାତ୍ରୀଛାତ୍ରଙ୍କୁ ମଧ ଏହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି । ନୟାଗନ ଜିଲା ଶିକ୍ଷା ଅଧିକାରୀ ଓ ରଣପୁର ବ୍ଲକ ଶିକ୍ଷା ଅଧିକାରୀ ଏହି ପୁରସ୍କାର ପାଇଥିବା ବିଦ୍ୟାଳୟ, ଶିକ୍ଷକ ଓ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।


ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ପ୍ରଧାନ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

## ଫ୍ଲଡ୍ ଲାଇଟ୍ ସର୍କଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ | ଶ୍ରୀରାମ ସ୍ପୋର୍ଟସ ଚାମ୍ପିୟନ

ଓଡ଼ଗାଁ, ୧।୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଫ୍ଲଡ୍‌ଲାଇଟ ସର୍କଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ମାଇଲ ଇଲେଭେନ ରନର୍ସ ଟ୍ରଫି ହାସଲ କରିଥିବା ବେଳେ ଶ୍ରୀରାମ ସ୍ପୋର୍ଟସ ଚାମ୍ପିୟନ ହୋଇଛି। କ୍ରିକେଟ କମିଟ ନିଷ୍ପତ୍ତି ଅନୁସାରେ ୩ ଫର୍ମାଟରେ ଫାଇନାଲିଷ୍ଟ ବାଛିବା ପାଇଁ ନୀତି ନିର୍ଦ୍ଧାରଣ କରାଯାଇ ଫାଇନାଲ ମ୍ୟାଚ୍ ଆରମ୍ଭ ହୋଇଥିଲା। ପ୍ରଥମ ଫରର୍ମାଟ ୧୦ ଓଭର ବିଶିଷ୍ଟ, ଦ୍ୱିତୀୟ ଫର୍ମାଟ ୮ ଓଭର ବିଶିଷ୍ଟ ରହିଥିବା ବେଳେ ୩ୟ ଫର୍ମାଟ ୫ ଓଭର ବିଶିଷ୍ଟ ଥିଲା। ୨ ଫର୍ମାଟରେ ବିଜୟ ହାସଲ କରିଥିବା ଦଳକୁ ଚାମ୍ପିୟନ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତଦନୁଯାୟୀ ସ୍ମାଇଲ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୧ ରନ ସଂଗ୍ରହ କରିଥିବା ବେଳେ ଶ୍ରୀରାମ ସ୍ପୋର୍ଟସ ୮.୪ ଓଭରରେ ୧୦୫ ରନ କରି ମ୍ୟାଚ ଜିତି ଯାଇଥିଲା। ସେହିପରି ଦ୍ୱିତୀୟ ଫର୍ମାଟରେ ସ୍ମାଇଲ ଦଳ ୬୭ ରନରେ ସୀମିତ ରହିଥିବା ବେଳେ ୬୮ ରନକରି ଶ୍ରୀରାମ ସ୍ପୋର୍ଟସ ଦୁଇଟିଯାକ ଫର୍ମାଟରେ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାମ୍ ଭାବେ ଜ୍ୟୋତି ପ୍ରକାଶ ମାଝି ଶ୍ରେଷ୍ଠ ବୋଲର ଭାବେ ଉମାକାନ୍ତ ମହାପାତ୍ର, ବେଷ୍ଟ ଭଲ୍ୟୁଏଣ୍ଟର ବୁଲୁ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ଗାଁ ସାମ୍ବାଦିକ ସଂଘ, ଓଡ଼ଗାଁ ସଭାପତି ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପସଭାପତି ଆଦର୍ଶ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଏବଂ ବରିଷ୍ଠ ଖବରଦାଦା ସାରସ କୁମାର ମିଶ୍ର ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଜୟକୃଷ୍ଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ଖେଳମଣିଷ ଦିବାକର ନାୟକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।


ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

## ସଂକ୍ଷେପରେ

### ବାଲି ଘାଟରେ ଚଢ଼ାଉ, ୪ ଟ୍ରାକ୍ଟର ଜବତ: ୬ ଗିରଫ

ଯାଜପୁରରୋଡ୍, ୧।୨(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ଦାନଗଦି ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଚକୁଆ ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନବେଳେ ୪ ଟ୍ରାକ୍ଟର ଜବତ କରାଯାଇଛି। ଏଥିସହିତ ୪ ଟ୍ରାକ୍ଟର ଚାଳକ ଓ ୨ ଟ୍ରାକ୍ଟର ମାଲିକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଯାଜପୁର ଲଘୁ ଖଣିଜ ଉପନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ନାୟକ ଓ ଖଣି ଅଧିକାରୀ ଝସକେତନ ସେଠୀ ପୋଲିସ ସହାୟତାରେ ଗୁରୁବାର ସକାଳେ ସଦଳବଳ ଘାଟରେ ଚଢ଼ାଉ କରିଥିଲେ। ଏହି ସମୟରେ ୩ ଟ୍ରାକ୍ଟର ବାଲିଲୋଡ୍ କରିଥିବାବେଳେ ଗୋଟିଏ ମାଟି ଲୋଡ୍ କରିଥିଲା। ଏସବୁ ଗାଡ଼ିକୁ ଅଧିକାରୀ ଜବତ କରିବା ସହ ୪ ଚାଳକଙ୍କୁ ପୋଲିସ ଜିମାଦେଇଥିଲେ। ସେମାନଙ୍କ ନାମରେ ମାମଲା ନଂ.୮୬/୨୪ ରୁଜୁ ହୋଇଥିବା ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଅଙ୍ଗନୱାଡି କର୍ମୀଙ୍କ ନାଁରେ ସାମଗ୍ରୀ ହଡ଼ପ ଅଭିଯୋଗ

ପାଣିକୋଇଲି, ୧।୨(ବିକାଶ ମଲ୍ଲିକ):

ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଅଣ୍ଡା, ଛତୁଆ ସାମଗ୍ରୀ ହଡ଼ପ ହୋଇଥିବା ଯାଜପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳାନନ୍ଦପୁର ପଞ୍ଚାୟତ ବ୍ରଜନଗରର ଗ୍ରାମର ଗଜେନ୍ଦ୍ର ଧଳଙ୍କ ଅଭିଯୋଗ ଅନୁସାରେ ତାଙ୍କ ଗ୍ରାମର ଜଣେ ଅଙ୍ଗନୱାଡି କର୍ମୀ ଅଣ୍ଡା ଓ ଛତୁଆ ପିଲାଙ୍କୁ ନ ଦେଇ ଆତ୍ମସାତ କରୁଛନ୍ତି। ଗଜେନ୍ଦ୍ର ତାଙ୍କୁ ପଚାରିବାରୁ ସେ ଗାଳିଗୁଲଜ କରୁଛନ୍ତି। ଏହାଛଡ଼ା ଉକ୍ତ ପଞ୍ଚାୟତର ୮ ନମ୍ବର ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର ଦୀର୍ଘ ଦିନ ହେବ ଖୋଲାଯାଇନାହିଁ। ଫଳରେ ସାମଗ୍ରୀଗୁଡ଼ିକ ଏଠାରେ ବାଟମାରଣା ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

### ଘରେ ଘରେ ଶଙ୍ଖ ଅଭିଯାନ ପାଇଁ ପ୍ରଶିକ୍ଷଣ

ଧର୍ମଶାଳା, ୧।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୫୪ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ଦିନରେ ଦଳ ପକ୍ଷରୁ ହେବାକୁ ଥିବା ପରିବାର ସମ୍ପର୍କ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ ଶିବିରରେ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ବିଶ୍ୱପ୍ରତାପ ସାହୁ ଯୋଗଦେଇ କର୍ମୀମାନଙ୍କୁ ଉଭୟ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ଶିବିରରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ଉପସ୍ଥିତ ଥିଲେ।

### ଗାନ୍ଧିବାଦୀ ନେତା ଶଶିଭୂଷଣ ତ୍ରିପାଠୀଙ୍କ ପରଲୋକ



ଯାଜପୁର ଟାଉନ, ୧।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ଜିଲାର ଅନ୍ୟତମ ଗାନ୍ଧିବାଦୀ ନେତା ଶତାୟୁ ପୁରୁଷ ଶଶିଭୂଷଣ ତ୍ରିପାଠୀଙ୍କ ଗୁରୁବାର ଯାଜପୁର ସହରସ୍ଥିତ ବାହାବଳପୁର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୩ ବର୍ଷ ବୟସ ହୋଇଥିଲା। ତ୍ରିପାଠୀ ଦଶରଥପୁର ବ୍ଲକ୍ ଦୁଦୁରାଅଣ୍ଟା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଭାବେ ଜଣାଶୁଣା ଥିଲେ। ସେ ଏହି ପଞ୍ଚାୟତରୁ ୫ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ମରଶରୀରକୁ ଯାଜପୁର ସହରରୁ ଏକ ଶୋଭାଯାତ୍ରାରେ ନିଆଯାଇ ତାଙ୍କ ଗ୍ରାମ ଦୁଦୁରାଅଣ୍ଟା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।
ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲା ବିଜେଡି ସଭାପତି ସରୋଜକାନ୍ତ ମହାପାତ୍ର, ରମେଶ ଚନ୍ଦ୍ର ସାମଲ, ଓଡ଼ିଶା ବାର ଆସୋସିଏଶନ ଉପସଭାପତି ରାଜୀବ ମହାନ୍ତି, ରଞ୍ଜନ ପୃଷ୍ଟି, ଲକ୍ଷ୍ମୀଧର ସାହୁ, ଓକିଲ ଜୟଦୀପ ମିଶ୍ର, ଓୟୁଜେର ଜିଲା ସଭାପତି ଆଦିତ୍ୟ ମେକାପ, ଯାଜପୁର ପ୍ରେସ୍‌କ୍ଲବ ସାଧାରଣ ସମ୍ପାଦକ ଅରୁଣ ରାଉତରାୟ, ଆଇନଜୀବୀ ସମରଜିତ ମହାନ୍ତି, କଂଗ୍ରେସ ନେତା ଦେବବ୍ରତ ପଣ୍ଡା, ଯୁବନେତା ପରେଶ ମଲ୍ଲିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।

# ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବାଟବଣା

- କେତେଜଣ କର୍ମଚାରୀଙ୍କ ପାଇଁ ହଇରାଣ ହେଉଛନ୍ତି ରୋଗୀ
- ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି




କାଏମା, ୧।୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେତେଜଣ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ପାଇଁ ସେବା ବାଟବଣା ହେଉଛି। ଫଳରେ ରୋଗୀ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ୧୬ ନମ୍ବର ଜାତୀୟ ରାଜପଥର ଜାରକା ଛକରୁ କିଛି ଦୂରତାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। ଅନେକ ସମୟରେ ଦୁର୍ଘଟଣାଜନିତ ରୋଗୀ ଏଠାକୁ ଆସିଥାନ୍ତି। ଅନ୍ୟପକ୍ଷରେ ଏହା ଅଧୀନରେ ରହିଛି ୧୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ତେଣୁ ସବୁ ସମୟରେ ରୋଗୀଙ୍କ ଭିଡ଼ ହେଉଛି। ପ୍ରତ୍ୟେକ ଦିନ ସ୍ଥାନୀୟ ଅଞ୍ଚଳର ରୋଗୀ ଆସୁଥିଲେ ବି ସେମାନେ ହଇରାଣ ହରକତ ହେଉଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ରାତିରେ ଡାକ୍ତରଙ୍କ ଅଭାବ ଦେଖାଦେଉଥିଲା। ବର୍ତ୍ତମାନ ଡାକ୍ତର ଉପସ୍ଥିତ ଥିଲେ ବି କେତେଜଣ ଷ୍ଟାଫ୍ ଓ ନର୍ସଙ୍କ ଖାମଖିଆଲି ମନୋଭାବ ପାଇଁ ବହୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକଙ୍କ ଜୀବନ ବି ଚାଲିଯାଉଛି।

ଚିକିତ୍ସା ଅବହେଳାରୁ ନଭେମ୍ବର ୬ରେ ଏଠାରେ ଜନ୍ମର ଚାରିଦିନ ପରେ ଏକ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଶିଶୁ କାନ୍ଦିବାରୁ ତାଙ୍କ ମା’ଡାକ୍ତରଙ୍କୁ ଖୋଜିଥିଲେ। କିନ୍ତୁ ପାଇ ନ ଥିଲେ। ପରେ ନର୍ସଙ୍କୁ ଡାକିଥିଲେ। ହେଲେ କେହି ଶୁଣି ନ ଥିଲେ। ଫଳରେ ସକାଳୁ ନବଜାତ ଶିଶୁ ଆଖିବୁଜି ଦେଇଥିବା ତାଙ୍କ ମା’ଅଭିଯୋଗ କରିଥିଲେ। ସେହିପରି ଜାନୁଆରୀ ୨୩ ରାତି ୧୧ଟାରେ ଉତ୍ତରଶାସନ ଗ୍ରାମର ଜଣେ ମହିଳା ପେଟଯନ୍ତ୍ରଣାରେ ଛଟପଟ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିବା ପାଇଁ ଡାକ୍ତର କହିଥିଲେ। କିନ୍ତୁ ଗାଡ଼ି ସୁବିଧା ନ ଥିବାରୁ ଆମ୍ବୁଲାନ୍ସ ସେବା ପାଇଁ ପରିବାର ଲୋକେ ଯୋଗାଯୋଗ କରିଥିଲେ। ଏହି ସମୟରେ ଡାକ୍ତରଖାନା ପରିସରରେ ୩ ଆମ୍ବୁଲାନ୍ସ ଥିବା ଦେଖି ମହିଳାଙ୍କ ବାପା ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ମେଡିକାଲ ନେବାକୁ ନିବେଦନ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ପରେ ରୋଗୀଙ୍କ ପରିବାର ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଗାଡ଼ି ଉପଲବ୍ଧ ନ ଥିବା କୁହାଯାଇଥିଲା। କିଛି ସମୟ ପରେ ପୁନର୍ବାର ଯୋଗାଯୋଗ କରିବାରୁ ରସୁଲପୁର ବ୍ଲକରୁ ଗାଡ଼ି ଆସିବ ବୋଲି କୁହାଯାଇଥିଲା। ରସୁଲପୁର ବ୍ଲକଠାରୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ୧୧ କିଲୋମିଟର ହୋଇଥିଲେ ବି ଯୋଗାଯୋଗର ୧ ଘଣ୍ଟା ୧୦ମିନିଟରେ ଆମ୍ବୁଲାନ୍ସ ଆସିଥିଲା। ହେଲେ ବଡ଼ ଆଶ୍ଚର୍ଯ୍ୟର କଥା ଯେଉଁ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ମହିଳାଙ୍କ ବାପା ନିବେଦନ କରିଥିଲେ ସେହି ଗାଡ଼ି ଆସି ପହଞ୍ଚି ଥିଲା। ସେ ସମୟରେ ଉପସ୍ଥିତ ଲୋକେ ପଚାରିବାରୁ ଡ୍ରାଇଭର ଜଣଙ୍କ ରାଗି ଯାଇ ଖରାପ ବ୍ୟବହାର କରିଥିଲେ ବୋଲି ମହିଳାଙ୍କ ବାପା କହିଛନ୍ତି।

ସେହିପରି ଅନ୍ୟ ଏକ ଘଟଣା ଜାନୁଆରୀ ୨୮ରେ ଘଟିଥିଲା। କାଏମା ଅଞ୍ଚଳର ଜଣେ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କ ପେଟ ସମସ୍ୟା ଜଣାଇଥିଲେ। ସାତ ଦିନ ତାଙ୍କର ଝାଡ଼ା ନ ହେବାରୁ ପେଟ ଫମ୍ପେଇ ଦେଇଥିଲା। ଡାକ୍ତର ଦେଖିବା ପରେ ତାଙ୍କୁ ଏନେମା ଦେବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ଏନେମା ସ୍ୱାସ୍ଥ୍ୟକେନ୍ଦ୍ରରେ ନ ଥିବାରୁ ତାଙ୍କ ପରିବାର ବାହାରୁ କିଣି ଆଣି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସନାତନ ସାହୁଙ୍କୁ ଦେଇଥିଲେ। ହେଲେ ସେ ଏହାକୁ ଦେଇପାରିବେନି, ଅନ୍ୟ କାହାକୁ କୁହ ବୋଲି କହିଥିଲେ। ତେଣୁ ରୋଗୀଙ୍କ ପରିବାର ପକ୍ଷରୁ ସେ କହିଥିବା କର୍ମଚାରୀଙ୍କୁ ଯାଇ ଭେଟିଥିଲେ। ସେ ସମୟରେ ଦୁଇ କର୍ମଚାରୀ ଜଣେ ମହିଳା ଓ ପୁରୁଷଥିଲେ। ସେମାନେ କହିଥିଲେ, ଏହା ତାଙ୍କ କାମ ନୁହେଁ। କେବଳ ଇଞ୍ଜେକ୍ସନ ଦେବା ପାଇଁ ଉଭୟେ ଅଛନ୍ତି ବୋଲି ଉତ୍ତର ଦେଇଥିଲେ। ଏହା ଆଉ ଜଣେ ଦେଇପାରିବ ବୋଲି କହିଥିଲେ। ହେଲେ ସେ ବର୍ତ୍ତମାନ ନାହାନ୍ତି। ସମ୍ପୃକ୍ତ କର୍ମଚାରୀଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ଲାଗି ନ ଥିଲା। ଏତେ ଖୋଜାଖୋଜି ବେଳକୁ ପ୍ରାୟ ଏକ ଘଣ୍ଟା ବିତି ଯାଇଥିଲା। ରୋଗୀ ଯନ୍ତ୍ରଣାରେ ଛଟପଟ ହେଉଥିଲେ ବି କେହି ଶୁଣି ନ ଥିଲେ। ପରେ ରୋଗୀଙ୍କ ପରିବାର ସହ ପରିଚିତ ଜଣେ କର୍ମଚାରୀ ଆସି ତାଙ୍କ କଥା ବୁଝିବାରୁ ଚିକିତ୍ସା କରାଯାଇଥିଲା।

ଏ ସମ୍ପର୍କରେ ଯାଜପୁର ସିଡିଏମ୍‌ଓ ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ କିଛି କହିପାରିବେନି, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିପାରିବେ ବୋଲି ମତ ରଖିଥିଲେ। ପ୍ରତିକ୍ରିୟା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କଠାରୁ କିଛି ଉତ୍ତର ମିଳି ପାରିନାହିଁ। ତେଣୁ ଏହି ସମସ୍ୟା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

## ଆଇନ ସଚେତନତା ଶିବିର

ଯାଜପୁର ଟାଉନ, ୧।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଡ. ଜୀବନଜ୍ୟୋତି ରଥଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା ଶିବିର ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ଫ୍ୟାମିଲି ଜଜ୍ ଗୁଣ୍ଡିଚା ସାମନ୍ତସିଂହାର ଯୋଗଦେଇ ମହାବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କୁ ମଧ୍ୟସ୍ଥତା ମାଧ୍ୟମରେ କିପରି ମକଦ୍ଦମାଗୁଡ଼ିକୁ ସମାଧାନ କରାଯାଇ ପାରିବ ସେ ବିଷୟରେ କହିଥିଲେ। ଜିଲା ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହୃଷିକେଶ ସାହୁ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ କହିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧରୀ ଇ-ଫାଇଲିଂ ଓ ଭିଡିଓ କନଫେରନସିଂ ରୁଲସ୍ ବିଷୟରେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଷ୍ଣୁଚରଣ ଦାଶ ଓ ଅଧାପିକା ଶ୍ରଦ୍ଧାଞ୍ଜଳି ସାହୁ ଆଇନର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ମହାବିଦ୍ୟାଳୟ ଅଧାପିକାଅଧାପିକାଙ୍କ ସହ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ଧନ୍ୟବାଦ ଦେଇଥିଲେ।

## ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ




ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଚଣ୍ଡିଖୋଲ, ୧।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଡ଼ଚଣା ବିଧାୟକ ଅମରପ୍ରସାଦଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ନୂଆ-ଓ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ପରିପ୍ରକାଶ ହୋଇପାରିଛି ବୋଲି କହିଥିଲେ। ମୋ କଲେଜ ଅଭିଯାନ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟବକ୍ତା ଓ ଯାଜପୁର ଜିଲାପାଳ ଶୁଭଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାଂସ୍କୃତିକ, କ୍ରୀଡ଼ା ଓ ସାମାଜିକ ସଚେତନତା କ୍ଷେତ୍ରରେ ଆଗୁଆ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି ଓ ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ବିଜୟ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭିଷେକ ସୋନମ ମେଲୋଡି ପରିବେଷଣ କରିଥିଲେ। ପ୍ରାଧ୍ୟାପକ ବିମଳ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଆର୍‌ଏସ୍‌ଏସ୍ ବରିଷ୍ଠ କର୍ମକର୍ତ୍ତାଙ୍କ ପରଲୋକ

ଯାଜପୁରରୋଡ୍, ୧।୨(ପବିତ୍ର ରଞ୍ଜନ ମହାନ୍ତି):

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଯାଜପୁର ରୋଡ୍ ମୁଖ୍ୟ ଡାକଘରର ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଆଦିକନ୍ଦ ବୈଶାଖଙ୍କ ଗୁରୁବାର ତାଙ୍କ ସନ୍ତରା ବାସଭବନରେ ପରଲୋକ ହୋଇଯାଇଛି। ସେ ମସ୍ତିଷ୍କାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ବୈଶାଖ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯାଜପୁର ଜିଲାର ବ୍ୟବସ୍ଥା ପ୍ରମୁଖ, ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତିଠାରୁ ଆରମ୍ଭ କରି ସଂଘ ବିଚାର ପରିବାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ଉଦ୍ୟମରେ ଯାଜପୁର ଜିଲାରେ ସଂଗଠନ ମଜଭୁତ ହୋଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ଜିଲାର କୋଣ ଅନୁକୋଣରୁ ସ୍ୱୟଂସେବକମାନଙ୍କ ସୁଅ ଛୁଟିଥିଲା। ସନ୍ତରା ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଜୟଗୋପାଳ ମୁଖାଗ୍ନି ଦେଇଥିଲେ। ତାଙ୍କ ଅବର୍ତ୍ତମାନରେ ଜିଲା ଜଣେ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ହରାଇଲା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ସର୍ବଶ୍ରୀ କୃଷ୍ଣଚନ୍ଦ୍ର ଲେଙ୍କା, ଗୋପାଳ ଚରଣ ମଲ୍ଲିକ, ସୁବାସ ନନ୍ଦ, ଜ୍ଞାନରଞ୍ଜନ ରାଉତ, ବିଜୟ ପଣ୍ଡା, ରବିନାରାୟଣ ରାଉତ, ଦିଲୀପ ଜେନା, ଭୂପତି ଭୂଷଣ ଦାଶ, ସତ୍ୟ ନାରାୟଣ ମହାନ୍ତି, ପ୍ରଶନ୍ନ ସାମଲ, ବିଷ୍ଣୁଭଗବାନ ଦାସ, ସହ ବିଭାଗ ପ୍ରଚାରକ ବିଷ୍ଣୁଚରଣ ନାୟକ, ଜିଲା ପ୍ରଚାରକ ରଶ୍ମିରଞ୍ଜନ ମହାକୁଡ, ଦେବେନ୍ଦ୍ର ମଲ୍ଲିକ, ହରିହର ନାୟକ, ଅଭିନବ ପଣ୍ଡା ଓ ଧର୍ମେନ୍ଦ୍ର ମଲ୍ଲିକଙ୍କ ସମେତ ଶତାଧିକ ସଂଘ ପରିବାରର କାର୍ଯ୍ୟକର୍ତ୍ତା ଏବଂ ବୁଦ୍ଧିଜୀବୀ ତାଙ୍କ ଅନ୍ତିମ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ବଜେଟ ପ୍ରତିକ୍ରିୟା

### ନିର୍ବାଚନ ବର୍ଷାରେ ବଜେଟ୍ ଛତା



ନିର୍ବାଚନର ବର୍ଷା ଆଡକୁ ଏହି କେନ୍ଦ୍ର ବଜେଟ୍ ଗୋଟିଏ ଛତା ଭଳି ହୋଇଛି। ମାଲିକତନ୍ତ୍ରମୁଖି ଏହି ବଜେଟ୍ ଯେଉଁଥିରେ ଚାଷୀ, ମଜଦୁରଙ୍କ ପାଇଁ ଚାଳ ଓ ଚୁଲିର ଭରସା ନାହିଁ। ମାଟି ପାଇଁ ମଞ୍ଜି ନାହିଁ। ମାଲିକ ଶ୍ରେଣୀ ଏହି ବଜେଟ୍ ବଳରେ ମୁନାଫାର ମିନାର ଗଢିବ।

**-ମାୟାଧର ନାୟକ, ଶ୍ରମିକ ନେତା**

### ମଧ୍ୟବିତ୍ତ ଆୟକାରୀ ନିରାଶ



କେନ୍ଦ୍ର ସରକାରଙ୍କ ଅନ୍ତରୀଣ ବଜେଟ୍ ମଧ୍ୟବିତ୍ତ ଆୟକାରୀଙ୍କ ଆଶାକୁ ଧୂଳିସାତ କରିଛି। ନିର୍ବାଚନୀ ବର୍ଷ ହେଇଥିବାରୁ ସମସ୍ତେ ଭାବି ନେଇଥିଲେ ଆୟକର ଛାଡ଼ ସୀମା ବୃଦ୍ଧି ହେବ। ହେଲେ ଏହାକୁ ଅପରିବର୍ତ୍ତିତ କରିଥିବାରୁ ଭାରତ ବର୍ଷର ମଧ୍ୟବିତ୍ତ ଆୟକାରୀ ନିରାଶ ହୋଇଛନ୍ତି । ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସକୁ ଅପରିବର୍ତ୍ତିତ ରଖି ବଜେଟ୍‌କୁ ଆଖି ଦୃଶିଆ କରିନାହାନ୍ତି । ୨୦୪୭ର ବିକଶିତ ଭାରତର ସ୍ୱପ୍ନ ଦେଖାଇ ବଜେଟ୍‌ରେ ଗରିବ, ମହିଳା, ଯୁବକ ଓ କୃଷକମାନଙ୍କ ନାଁ ନେଇ ସାଧାରଣ ନିର୍ବାଚନୀ ବୈତରଣୀ ପାର ହେବାକୁ କେନ୍ଦ୍ର ସରକାର ଏହାକୁ ପ୍ରସ୍ତୁତ କରିଥିବା ମନେ ହେଉଛି ।

**-ବିବେକାନନ୍ଦ ମହାନ୍ତି**
**ସଭାପତି, ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ୍**

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ବାଲିଚନ୍ଦ୍ରପୁର, ୧।୨(ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ବ୍ଲକଅନ୍ତର୍ଗତ ବାଲିଚନ୍ଦ୍ରପୁର ପଲ୍ଲିଶ୍ରୀ ଉଚ୍ଚମାଧ୍ୟମିକବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ଅଧ୍ୟକ୍ଷା ମାମି ବଳବନ୍ତରାୟଙ୍କ ସଭାପତିତ୍ୱ ଓ ଇଂରାଜୀ ବିଭାଗ ଅଧ୍ୟାପକ ଡ.ଭାବଗ୍ରାହୀ ମହାରଣାଙ୍କ ସଞ୍ଚାଳନାରେ ମୁଖ୍ୟଅତିଥିଭାବେ ମହିମାଧର୍ମର ଗବେଷକ ଡ. ଏକାଦଶୀ ପ୍ରଧାନ, ସମ୍ମାନିତ ଅତିଥି ଚଳଚ୍ଚିତ୍ର ଅଭିନେତା ପ୍ରମୋଦ କୁମାର ଭୂୟାଁ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ କବି ଅଶୋକ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ବିଭାଗ ଅଧାପିକା ରୁପଶ୍ରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ହସ୍ତାକ୍ଷର, କୁଇଜ, ଓଡ଼ିଆ ବ୍ୟାକରଣ ଦକ୍ଷତା, ଓଡ଼ିଆ କବିତା ଲିଖନ, ଓଡ଼ିଆ ବକ୍ତୃତା, କାହାଣୀ, ଓଡ଼ିଆ ପ୍ରବନ୍ଧ ଲିଖନ ଓ ଓଡ଼ିଆ ଭଜନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅଧାପିକା ମାନସୀ ସାମଲ, ଅଧାପିକା ନିରୁପମା ରାଉତ, କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାନ୍ତି, ତମାଳମାଳ ସ୍ୱାଇଁ, ପ୍ରେମାନନ୍ଦ ପରିଡ଼ା, ତ୍ରିଲୋଚନ ପରମାଣିକ ଓ ପ୍ରଭାତି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାଜବିଜ୍ଞାନ ଅଧାପକ ଅଲ୍ୟେଳ କୁମାର ବଳ ଧନ୍ୟବାଦ ଦେଇଥିଲେ।

## ସାମାଜିକ ସମୀକ୍ଷା କାର୍ଯ୍ୟ ସ୍ଥିତି ପରଖିଲେ ଅଧିକାରୀ

ରସୁଲପୁର, ୧।୨(ରଂଜିତ ରାଉତ):

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତରେ ସାମାଜିକ ସମୀକ୍ଷା କାର୍ଯ୍ୟ ଜାରି ରହିଛି। କ୍ଲଷ୍ଟର ସାମାଜିକ ସମୀକ୍ଷକ ମଧୁସ୍ମିତା ସାହୁ, ରମାମଣି ସାହୁ ସମୀକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେମାନେ କ୍ଷେତ୍ର ପରିଦର୍ଶନ କରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସ୍ୱଚ୍ଛତା ଦିଗକୁ ପରଖୁଛନ୍ତି। ତେଣୁ ଜିଲା ସାମାଜିକ ସମୀକ୍ଷକ ସତ୍ୟରଞ୍ଜନ ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ କାର୍ଯ୍ୟ ସ୍ଥିତି ପରଖିଛନ୍ତି। ପରେ ସମୀକ୍ଷକ ବେହେରା ବିଭିନ୍ନ ଯୋଜନାକୁ ନେଇ ହେଉଥିବା ସମୀକ୍ଷା ଓ ସମୀକ୍ଷକଙ୍କ କାର୍ଯ୍ୟଧାର ସମ୍ପର୍କରେ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ସହ ଆଲୋଚନା କରିଥିଲେ। ଗ୍ରାମସଭା ପାଇଁ ନୋଟିସ କରାଯାଇଛି କି ନାହିଁ ଅବଗତ ହୋଇଥିଲେ। ସମୀକ୍ଷାକୁ ନେଇ ପୂର୍ବ ନର୍ଦ୍ଧାରିତ ଗ୍ରାମସଭା ନୋଟିସ ତାରିଖରେ ପରିବର୍ତ୍ତନ କରାଯାଇଥିଲା। ଏ ଦିଗରେ ଜାରି ଗ୍ରାମସଭା ନୋଟିସ୍‌କୁ ୬ ତାରିଖ ବଦଳରେ ୮କୁ ଘୁଞ୍ଚାଇ ଦିଆଯାଇଛି। ଗ୍ରାମସଭାରେ ସମୀକ୍ଷକଙ୍କ ଦ୍ୱାରା ହସ୍ତଗତ ରିପୋର୍ଟ ଉପସ୍ଥାପନା ସହ ତା’ର ଅନିୟମିତତା ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି।

## ଅବଦୁଲ କଲାମ ସ୍କୁଲର ବାର୍ଷିକ କ୍ରୀଡ଼ା




ଅବଦୁଲ କଲାମ ସ୍କୁଲ୍ ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି ।

ଧର୍ମଶାଳା, ୧।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତ ଜାମୁବଣିଆସ୍ଥିତ ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ୍ ପରିସରରେ ଅଧ୍ୟକ୍ଷ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଜାତୀୟ କ୍ରୀଡା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ଖବରଦାତା ଅଖିଳ ସ୍ୱାଇଁ ଯୋଗଦେଇ କ୍ରୀଡ଼ା ଦ୍ୱାରା ଭାଇଚାରା ସୃଷ୍ଟି ହେବା ସହିତ ମାନସିକ ଓ ଶାରୀରିକ ବିକାଶ ସମ୍ଭବ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ କ୍ରୀଡ଼ା ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଯୋଗଦେଇ ପିଲାମାନେ କ୍ରୀଡ଼ାରେ ଭାଗ ନେବା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସ୍କୁଲ୍ ଚେୟାରମ୍ୟାନ ନୀଳମଣି ପରିଡ଼ା ଯୋଗଦେଇ ସ୍କୁଲର କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ସ୍କୁଲ୍‌ରେ ଅନୁଷ୍ଠିତ ୧୦୦ ମିଟର, ୫୦ ମିଟର, ଅଖା ଦୌଡ଼, ଲମ୍ଫ ଡିଆଁ, କୁଇଜ୍ ଚେୟାର, ମ୍ୟୁଜିକ ଚେୟାର, ସଟପୁଟ, ଡିସକସ୍ ଥ୍ରୋରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକର କରିଥିବା ପିଲାଙ୍କୁ ସ୍କୁଲ୍ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଅର୍ଚ୍ଚନା ଖଟୁଆ, ପ୍ରଜ୍ଞା ଓଝା, ଇତିଶ୍ରୀ ରାଉତ ଓ ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରୋନାଲିନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପାଣି ପାଇଁ ୱାଟ୍‌କୋ ଅଧିକାରୀ ଅଟକ

ଯାଜପୁରରୋଡ୍, ୧।୨(ପବିତ୍ର ରଞ୍ଜନ ମହାନ୍ତି):



୧୦ନଂ. ୱାର୍ଡର ମହିଳାମାନେ ୱାଟ୍‌କୋ ଅଧିକାରୀଙ୍କୁ ଅଟକ ରଖିଛନ୍ତି ।

ରାଜ୍ୟ ସରକାର ସହରବାସୀଙ୍କୁ ପାଇପ୍ ଯୋଗେ ୨୪ ଘଣ୍ଟିଆ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ହେଲେ ବ୍ୟାସନଗର ସହର ୱାର୍ଡ ନଂ. ୮, ୧୦ ଓ ୧୫ର ବାସିନ୍ଦା ପିଇବା ପାଣିଟିକେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ପୌର କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ପୌରାଧ୍ୟକ୍ଷା, କାଉନସିଲର ଏବଂ ୱାଟକୋ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ନେଇ ଗୁରୁବାର ୧୦ନଂ. ୱାର୍ଡର ମହିଳାମାନେ ପମ୍ପ ହାଉସ ଫାଟକରେ ତାଲା ପକାଇବା କର୍ମଚାରୀଙ୍କୁ ଅଟକ ରଖିଥିଲେ। ଖବର ପାଇ ଦଳା ୱାଟକୋ ଅଧିକାରୀ ବିଚିତ୍ରାନନ୍ଦ ପୁହାଣ ଉକ୍ତ ୱାର୍ଡକୁ ଯାଇ ୱାର୍ଡବାସୀଙ୍କ ରୋଷର ଶିକାର ହୋଇଥିଲେ। ମହିଳାମାନେ ସମସ୍ୟା ନେଇ ଅଧିକାରୀ ପୁହାଣଙ୍କ ଉପରେ ବର୍ଷିବା ସହ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ତାଙ୍କୁ ଅଟକ ରଖିଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଛାଡ଼ିବେନାହିଁ ବୋଲି ଉତ୍ୟକ୍ତ ମହିଳାମାନେ କହିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚି ଆପୋସ ସମାଧାନ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଶୁକ୍ରବାରଠାରୁ ସମସ୍ୟା ସମାଧାନ କରାଯାଇ ପାଣି ଯୋଗାଇ ଦିଆଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେବାସହ ତୁରନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେଇଥିଲେ। ୱାଟକୋ ଅଧିକାରୀଙ୍କ କହିବା ଅନୁସାରେ, ଉକ୍ତ ୱାର୍ଡରେ ବହୁବାର ବୋରିଂ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। ଏଣୁ ଅନ୍ୟ ପମ୍ପରୁ ଉକ୍ତ ୱାର୍ଡକୁ ପାଣି ଯୋଗାଣ ହେଉଛି, ଯାହା ପର୍ଯ୍ୟାପ୍ତ ହଉନାହିଁ। ଉକ୍ତ ପମ୍ପ ହାଉସର ମୋଟର ପୋଡି ଯାଇଥିବାରୁ ଏପରି ସମସ୍ୟା ଉପୁଜିଥିଲା। ସେଥିପାଇଁ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣି ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ଉକ୍ତ ୱାର୍ଡରେ ୨୪ ଘଣ୍ଟିଆ ପାଣି ଯୋଗାଇଦେବା ପାଇଁ ପାଇପ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଆଗକୁ ଏହି ସମସ୍ୟା ରହିବ ନାହିଁ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପଟେ ପୌରାଧ୍ୟକ୍ଷା ସାଙ୍ଗୀତା ପିଙ୍ଗୁଆ ଉକ୍ତ ୱାର୍ଡର ବାସିନ୍ଦା ହୋଇଥିବାରୁ ୱାର୍ଡବାସୀ ତାଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ପୌରାଧ୍ୟକ୍ଷା ଯାହାଙ୍କୁ ଭୋଟ ଦେଇଛ ତାଙ୍କୁ କୁହବୋଲି କହିଥିବା ଉପସ୍ଥିତ ମହିଳାମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଏବିଡିଓ ପଦବୀ ଖାଲି, ବ୍ଲକ୍ କାର୍ଯ୍ୟରେ ବାଧା

ଖଣ୍ଡପଡ଼ା,୧।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ପଦବୀ ଖାଲି ପଡିଛି । ଗତ ୨ମାସ ହେଲା ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପଦବୀଟି ଖାଲି ପଡିଥିବା ଯୋଗୁ ଅଧିକାଂଶ ସମୟରେ ବ୍ଲକ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହେଉଛି। ଏଠାରେ କାର୍ଯ୍ୟରତ ଏବିଡିଓ ସୁବାସ ଚନ୍ଦ୍ର ସେଠୀ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ଏଠାରେ ଆଉ କୌଣସି ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ ବ୍ଲକ କାର୍ଯ୍ୟାଳୟରେ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେଉଛି। ତେଣୁ ଅଞ୍ଚଳବାସୀଙ୍କ ହିତକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବ୍ଲକ୍‌ରେ ଖାଲି ପଡିଥିବା ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ପଦବୀ ତୁରନ୍ତ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଖଣ୍ଡପଡ଼ା,୧।୨
(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଈଶ୍ୱର ଚନ୍ଦ୍ର ପଣ୍ଡା(୮୫)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ମହାନଦୀ ଶ୍ମଶାନଘାଟକୁ ନିଆଯାଇ ଶେଷକୃତ୍ୟ ଶେଷ କରାଯାଇଥିଲା। ବଡ଼ପୁଅ ନିରଞ୍ଜନ ମୁଖାଗ୍ନି ଦେଇଥିଲେ।

### ଶ୍ରୀରାମ ଚରିତ ମାନସ କଳସ ଶୋଭାଯାତ୍ରା

ଖଣ୍ଡପଡ଼ା,୧।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ତୋଟା ହନୁମାନ ପୀଠରେ ଶ୍ରୀରାମ ଚରିତ ମାନସ ଓ ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହେଉଛି । ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲା । ଜଳପୂର୍ଣ୍ଣ କଳସୀ ମନ୍ଦିର ପରିସରସ୍ଥିତ ଯଜ୍ଞବେଦୀ ନିକଟରେ ସ୍ଥାପନ କରାଯାଇଥିଲା।

### ଆଡଚେରରେ ଅଗ୍ନିକାଣ୍ଡ ଗାଈ, ୨ ମେଣ୍ଢା ଜୀବନ୍ତ ଦଗ୍ଧ

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ନୟାଗଡ଼ ତହସିଲ କାଳିକାପ୍ରସାଦ ପଞ୍ଚାୟତ ଆଡଚେର ଗାଁର ଜିତେନ୍ଦ୍ର ମହାନ୍ତିଙ୍କ ଗୁହାଳରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ, ୨ ମେଣ୍ଢା ଜୀବନ୍ତ ଦଗ୍ଧ ହୋଇଛନ୍ତି । ବୁଧବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ପୁଣି ଦୁଇଟି ଗାଈ ଗୁରୁତର ହୋଇଥିବାବେଳେ ଏକ ବାଇକ୍ ଜଳି ଯାଇଛି । ୨ ବଖରା ଗୁହାଳ ପୋଡ଼ି ଯାଇଛି । ଖବର ପାଇ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ।

# କଙ୍ଗାରୁକୋର୍ଟ କରି ପୋଲିସ କନଷ୍ଟେବଳ ନିଲମ୍ବିତ

- ଜେଲ ଗଲା ପରେ ନିଲମ୍ବନ କଲେ ଏସ୍‌ପି
- ନୂଆଗାଁ ଥାନାରେ କନ୍‌ଷ୍ଟେବଳ ଭାବେ କାମ କରୁଥିଲେ
- ଗାଁ ପାଖ ଥାନାରେ ରହି ପୋଲିସର ଭୟ ଦେଖାଉଥିଲେ
- ବାସନ୍ଦ ନିର୍ଯାତନା ସହି ନ ପାରି ବିଷ ପିଇଥିଲେ ସୁବାସ
- ଭୁବନେଶ୍ୱର ହସପିଟାଲରେ ଏବେ ମୃତ୍ୟୁ ସହ କରୁଛନ୍ତି ସଂଗ୍ରାମ

ନୟାଗଡ଼,୧।୨(ଲୋକନାଥ ମିଶ୍ର)

କଙ୍ଗାରୁକୋର୍ଟର ଅତ୍ୟାଚାର ଓ ବାସନ୍ଦ ପରି ଦୁଃଖକୁ ସହ୍ୟ କରି ନ ପାରି ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକ ଚାହାଳି ଗାଁର ସୁବାସ ଚନ୍ଦ୍ର ବେହେରା(୫୪) ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେପଟେ ବିଷ ପିଇବା ପୂର୍ବର ସୁବାସଙ୍କ ଚିଠି ଓ ଝିଅଙ୍କ ଅଭିଯୋଗକୁ ଭିତ୍ତି କରି ନୟାଗଡ଼ ଏସ୍‌ପି ନୂଆଗାଁ ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଳ ସନ୍ତୋଷ କୁମାର ବେହେରା(୪୮)ଙ୍କୁ ବୁଧବାର ନିଲମ୍ବିତ କରିଛନ୍ତି। କନ୍‌ଷ୍ଟେବଳ ଜେଲ ଯିବା ପରେ ଏସ୍‌ପି ନିଲମ୍ବନ କରିଛନ୍ତି। ଗାଁ ପାଖ ଥାନା ନୂଆଗାଁରେ ଚାକିରି କରି ସନ୍ତୋଷ ଗାଁରେ କଙ୍ଗାରୁ କୋର୍ଟ କରିବାର ମୁଖ୍ୟ ଭୂମିକା ନେଉଥିଲେ ବୋଲି ଅଭିଯୋଗ ହୋଇଛି। ଚାହାଳି ଗାଁର କେତେଜଣ ବ୍ୟକ୍ତିଙ୍କ ସୂଚନା ଅନୁସାରେ ଗାଁର ସଭାପତି ଯଦିଓ ରମାକାନ୍ତ ମିଶ୍ର ଥିଲେ ତେବେ ଦଣ୍ଡ ଓ ଜରିମାନାର ରାୟ ଶୁଣାଉଥିଲେ କନ୍‌ଷ୍ଟେବଳ ବେହେରା। ଗାଁରେ ତାଙ୍କର ଦବ୍‌ଦବା ଥିଲା। ପୋଲିସ କ୍ଷମତା ବଳରେ ସେ ଗାଁକୁ ନିଜ କରାୟତରେ ରଖିଥିଲେ।

ଅଭିଯୋଗ ଅନୁଯାୟୀ, ଚାହାଳି ଗାଁର ସୁବାସ ଚନ୍ଦ୍ର ବେହେରାଙ୍କୁ ଏକ ଘରକିଆ କରି ନିଆଁ, ପାଣି ବାସନ୍ଦ କରାଯାଇଥିଲା। ଏପରିକି ପରିବାରର ସଦସ୍ୟଙ୍କ ପାଇଁ ସ୍କୁଲ, ଟ୍ୟୁଶନ ଓ ଦୋକାନକୁ ଯିବାକୁ ବାରଣ କରାଯାଇଥିଲା। ଗାଁର ଲୋକଙ୍କ ସହ କଥା ହୋଇ ପାରୁ ନ ଥିଲେ। କଥା ହେଲେ ଗାଁ ଲୋକଙ୍କ ପାଇଁ ୧୦ ହଜାର ଟଙ୍କା ଜରିମାନା ଘୋଷଣା କରାଯାଇଥିଲା। ଭୟରେ ଲୋକମାନେ ସୁବାସଙ୍କ ପରିବାର ସହ କଥା ହେଉ ନ ଥିଲେ। ଗାଁରେ ମିଶିବାକୁ ହେଲେ ୫ ହଜାର ଜରିମାନା ଦେବାକୁ କୁହାଗଲା। ୫ ହଜାର ଜରିମାନା ଦେବାକୁ ସୁବାସ ଅରାଜି ହେବା ପରେ ଅଶ୍ଲୀଳ ଗାଳିଗୁଲଜ କରି କଙ୍ଗାରୁକୋର୍ଟରୁ ବାହାର କରି ଦିଆଯାଇଥିଲା। ପୋଲିସରେ ଅଭିଯୋଗ ପରେ ମଧ୍ୟ ନିର୍ଯାତନା କମି ନ ଥିଲା। ପୋଲିସ ଠାରୁ ନ୍ୟାୟ ନ ପାଇ ସୁବାସ ଗତ ୨୭ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୁବାସ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

### ଦଫା କୋହଳ କରି ସନ୍ଦେହରେ ପୋଲିସ

ଚାହାଳି କଙ୍ଗାରୁକୋର୍ଟ ଘଟଣାରେ ନୟାଗଡ଼ ସଦର ଥାନା ପକ୍ଷରୁ ଦଫା କୋହଳ କରାଯାଇଥିବା ସୁବାସଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୁବାସଙ୍କ ଝିଅ ଅର୍ଚ୍ଚନାଙ୍କ ଅଭିଯୋଗ ଅନୁସାରେ କନଷ୍ଟେବଳ ଓ ଅନ୍ୟ ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୋଲିସ କେବଳ ୩୮୬, ୩୪ ଆଇପିସି ଦଫା ଲଗାଇ ନାଁ କେବଳ ମାମଲା କରିଛି। ଅଭିଯୁକ୍ତମାନେ ଜାମିନ ପାଇବାକୁ ଦଫା ଜାଣିଶୁଣି କୋହଳ କରାଯାଇଛି। ଏନେଇ ସେମାନେ କୋର୍ଟରେ ଆଶ୍ରୟ ନେବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ମୋ ବାପା ଗାଁର ଉପସଭାପତି ଥିଲେ। ଉପସଭାପତି ଥିବାବେଳେ କନ୍‌ଷ୍ଟେବଳଙ୍କ କାତ୍‌ରି ରହୁ ନ ଥିବାରୁ ଜାଣି ଶୁଣି ପଦବୀରୁ କାଢ଼ି ଦିଆଗଲା। ପରେ ମୋ ବାପାଙ୍କୁ ଚକ୍ରବ୍ୟୁହ କରି ଫସାଇ ଦିଆଯାଇଛି। ଗାଁରେ କଙ୍ଗାରୁ କୋର୍ଟ ଘଟଣାରେ ସବୁକିଛି କନ୍‌ଷ୍ଟେବଳଙ୍କ ଇସାରାରେ ହେଉଥିଲା। ମୋ ବାପା ବିଷ ପିଇଦେବା ପରେ ମଧ୍ୟ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହୋଇଛି। ଏବେ ବାପା ମରଣ ସହ ଲଢ଼ୁଥିବାବେଳେ ପୋଲିସର ସହଯୋଗ ନ ମିଳିବା ଦୁଃଖ ଓ ପରିତାପର ବିଷୟ ବୋଲି ସେ କହିଛନ୍ତି। କନ୍‌ଷ୍ଟେବଳଙ୍କୁ କେବଳ ନିଲମ୍ବିତ ନୁହେଁ ବହିଷ୍କାର କରାଯିବା ଦରକାର। ଅନ୍ୟ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଦରକାର କହି ନ୍ୟାୟ ଭିକ୍ଷା କରିଥିଲେ। ନୟାଗଡ ଏସ୍‌ଡିପିଓ ସ୍ନେହାଶିଷ ସାହୁ କୁହନ୍ତି, ଜେଲ ଯାଇଥିବା ୪ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ କନ୍‌ଷ୍ଟେବଳ ଅଛନ୍ତି। ସେ ଗାଁରେ କଙ୍ଗାରୁକୋର୍ଟରେ ସାମିଲ ହେଉଥିଲେ। ପ୍ରମାଣ ମିଳିବା ପରେ ଏସ୍‌ପି ବୁଧବାର ଅପରାହ୍ନରେ ତାଙ୍କୁ ନିଲମ୍ବନ କରିଛନ୍ତି।

### ଜେଲ ଗଲେ ଗାଁ ସଭାପତିଙ୍କ ସହ ୪ ଅଭିଯୁକ୍ତ

ଚାହାଳି କଙ୍ଗାରୁକୋର୍ଟ ଘଟଣାରେ ସୁବାସଙ୍କ ଝିଅ ଅର୍ଚ୍ଚନାଙ୍କ ଅଭିଯୋଗ ଓ ସୁବାସଙ୍କ ହାତଲେଖା ଚିଠିକୁ ନେଇ ନୟାଗଡ଼ ସଦର ଥାନା ପୋଲିସ ପୋଲିସ ଏକ ମାମଲା(ନଂ.୩୧/୨୪) ରୁଜୁ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଗାଁ ସଭାପତି ରମାକାନ୍ତ ମିଶ୍ର(୬୨), ଗାଁ ବାସିନ୍ଦା ତଥା ନୂଆଗାଁ ଥାନା କନ୍‌ଷ୍ଟେବଳ ବେହେରା(୪୮), ଗାଁ କମିଟି ସଭ୍ୟ ମାଗୁଣି ବେହେରା(୫୭) ଓ ବଂଶୀଧର ମିଶ୍ର(୭୦)ନୟାଗଡ଼ ସବ୍‌ଜେଲକୁ ଯାଇଛନ୍ତି।

# ସିନ୍ଦୂରିଆ ୫-ଟି ହାଇସ୍କୁଲ ପରିଦର୍ଶନ କଲେ ପୁରାତନ ଛାତ୍ରୀଛାତ୍ର



ସିନ୍ଦୂରିଆ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ର।

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ନୟାଗଡ଼ ସହର ଉପକଣ୍ଠ ସିନ୍ଦୂରିଆ ଉଚ୍ଚ ବିଦ୍ୟାଳୟ ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ବିଦ୍ୟାଳୟର ମାନ୍ୟତା ପାଇବା ପରେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ୫-ଟି ଅଧୀନରେ ରୂପାନ୍ତରଣ କାର୍ଯ୍ୟ କରାଇ ଭିତ୍ତିଭୂମିରେ ଆମୂଳଚୂଳ ପରିବର୍ତ୍ତନ କରାଉଛନ୍ତି। ଅଦ୍ୟାବଧି ବିଦ୍ୟାଳୟର ଦୁଇଟି ସ୍ମାର୍ଟ ଶ୍ରେଣୀ ଗୃହ କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ବିଜ୍ଞାନାଗାର ଓ ଇ-ଲାଇବ୍ରେରୀ ଗୃହ କାର୍ଯ୍ୟ ଚାଲୁରହିଛି। ଏଥି ସହିତ ବିଦ୍ୟାଳୟ ହତାର ନକ୍ସା ବଦଳା ଯାଇ ନୂଆ ରୂପରେ ସାଜସଜା କାର୍ଯ୍ୟ ମଧ୍ୟ ଚାଲୁ ରହିଛି। ନୂତନ ରାସ୍ତା ଓ ବିଦ୍ୟାଳୟ ଫାଟକ କାର୍ଯ୍ୟ ପାଇଁ କାମ ଆରମ୍ଭ ହୋଇଛି। ବିଦ୍ୟାଳୟର ରୂପାନ୍ତରିତ ନୂଆ ରୂପରେଖକୁ ଦେଖିବା ପାଇଁ ଶତାଧିକ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିଥିଲେ। ପରବର୍ତ୍ତୀ ସମୟରେ ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରୀଛାତ୍ର ନିଜ ଅତୀତର ସ୍ମୃତିଚାରଣ କରିବା ସହିତ ଆଗାମୀ ଦିନରେ ସମସ୍ତ ବ୍ୟାଚର ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁମିଳନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ସମସ୍ତଙ୍କ ସହମତିରେ ଆଗାମୀ ଫେବୃଆରୀ ୧୮ ତାରିଖରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ପର୍ବ ଅନୁଷ୍ଠିତ ପାଇଁ ପ୍ରସ୍ତାବ ଗୃହୀତ ହେଲା। ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଆଗାମୀ ବାର୍ଷିକ ଉତ୍ସବ ପୂର୍ବରୁ ସମସ୍ତ କାର୍ଯ୍ୟ ସମେତ ସ୍କୁଲ ହତା ସଜାଡ଼ିବା ପାଇଁ ଅନୁରୋଧ କରାଯାଇଥିଲା। ସମସ୍ତ ବ୍ୟାଚର ଛାତ୍ରୀଛାତ୍ରଙ୍କ ନେଇ ଗୋଟିଏ ହ୍ୱାଟସପ୍ ଗ୍ରୁପ ଗଠନ କରି ତୁରନ୍ତ ଆନୁସଙ୍ଗିକ ବାର୍ତ୍ତା ଅନ୍ୟ ମାନଙ୍କୁ ପ୍ରଦାନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାରେ ପୁରାତନ ଛାତ୍ର ତଥା ଅବସର ପ୍ରାପ୍ତ ଶିକ୍ଷକ ପରୀକ୍ଷିତ ପ୍ରଧାନ, ଗଙ୍ଗାଧର ସାହୁ, ରାଜ କିଶୋର ସାହୁ, ସେକ ନଇମ, ଏମ. ଡି. ବେଲାଲ, ପ୍ରାଧ୍ୟାପକ ଉମାର ମଲିକ, ଶାହାଜାହାନ ମଲିକ, ଟିଙ୍କିନା ପଟ୍ଟନାୟକ, ଅମଜାଦ ଖାଁ, ଗୋଲାବ ଖାଁ, ସନ୍ତୋଷ କୁମାର ସାହୁ, ବିଜୟ ପୃଷ୍ଟି, ନାରାୟଣ ସାହୁ, ପ୍ରମୋଦ କୁମାର ବେହେରା ଓ ଭଗବାନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ବିଦ୍ୟାଳୟର ଭବ୍ୟ ଫାଟକ ନିମନ୍ତେ ୭ ଲକ୍ଷ ଟଙ୍କା ପଞ୍ଚାୟତ ଫଣ୍ଡରୁ ଦେବାପାଇଁ ଘୋଷଣା କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ଶେଖ ଅବଦୁଲ ଖାଲିକ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ରାଉତ ଓ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ଗୁରୁ ସହଯୋଗ କରିଥିଲେ। ପରିଶେଷରେ ଆଲୁମିନି କମିଟି ସଦସ୍ୟ ଶେଖ ମଜହର୍ ଧନ୍ୟବାଦ ଦେଇଥିଲେ।

# ବିଶ୍ୱଭାଷା ସମ୍ମିଳନୀ ପୁରସ୍କାର ବିତରଣ ଉତ୍ସବ



ବିଶ୍ୱଭାଷା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଶରଣକୁଳ,୧।୨(ଦୀପକ କର)

ଶରଣକୂଳ ମହାବିଦ୍ୟାଳୟରେ ବିଶ୍ୱଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ ସାହିତ୍ୟ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୂଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯୋଗେଶ୍ୱର ନାୟକ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ବସନ୍ତ କୁମାର ରଥ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଶାସନିକ ଅଧିକାରୀ ତଥା ଶିକ୍ଷା ବିଭାଗ ମୁଖ୍ୟ ଡ଼ ବ୍ୟୋମକେଶ ରଥ ବେଦମନ୍ତ୍ର ପାଠ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। +୨ ନୋଡାଲ ଅଧିକାରୀ ଅଧ୍ୟାପକ ଦୁର୍ଗା ଚରଣ ନାୟକ ସମସ୍ତ ସାହିତ୍ୟ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। +୩ ନୋଡାଲ ଅଧିକାରୀ ଅଧ୍ୟାପକ ମିଟୁ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଉପସ୍ଥିତ ସମସ୍ତ ଅତିଥି ଜଗନ୍ନାଥ ସଂସ୍କୃତିର ପ୍ରଚାର ତଥା ଓଡ଼ିଆ ଭାଷାର ବିକାଶ ପାଇଁ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ।

# 'ନୟାଗଡ଼ର ବିକାଶ ତ୍ୱରାନ୍ୱିତ ହୋଇଛି'

### ନୂଆ-ଓ ପକ୍ଷରୁ ସଚେତନତା ଶିବିର

ଓଡ଼ଗାଁ,୧।୨(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍‌ର କୁରାଳ, ସୁନାମୁହିଁ, ଗିରିଡ଼ିପଲ୍ଲୀ ପଞ୍ଚାୟତ ସହିତ ଓଡ଼ଗାଁ ଏନଏସିସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀର ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ସେବା, ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ସରକାରୀ ଶିକ୍ଷାନୁଷ୍ଠାନର ରୂପାନ୍ତରୀକରଣ, କ୍ରୀଡ଼ା, ଐତିହ୍ୟ, ଭିତ୍ତିଭୂମିର ବିକାଶ, ସୁଗମ ଗମନାଗମନ ଓ ପରିବହନ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳର ସ୍ଥାୟୀ ଭିତ୍ତିଭୂମି ବିକାଶର ସଫଳ ରୂପାୟନ ହୋଇପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅର୍ଥ ଯୋଗାଇ ଦେଇଥିବାବେଳେ ଆବଶ୍ୟକ ସ୍ଥଳେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଦ୍ୱିତୀୟ ଦଫାରେ ଅର୍ଥ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ବୋଲି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

ଶାନ୍ତି ହେଉଛି ପ୍ରଗତିର ଚାବିକାଠି। ସେଥିପାଇଁ କେବଳ ଓଡ଼ଗାଁ ନୁହେଁ, ନୟାଗଡ଼ ନିର୍ବାଚନ ମଣ୍ଡଳୀର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି। କୁରାଳ ଗ୍ରାମରୁ ବିଭିନ୍ନ ଦିଗରୁ ଗମନାଗମନ ପାଇଁ ୭ ପକ୍କା ସଡ଼କ ଥିବା ବେଳେ ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକ୍ ସଦର ମହକୁମାରେ ପହଁଞ୍ଚିବା ପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେବେ । ଇତ୍ୟବସରରେ କୁରାଳଠାରେ ନିର୍ମାଣ ହୋଇଥିବା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ, ସୁବୁଦ୍ଧି ସାହି ବିଶ୍ରାମ କେନ୍ଦ୍ର, ନେଳିଆସାହି ଗୋଷ୍ଠୀ କେନ୍ଦ୍ର, ନିଧିଆ ସାହି ବିଶ୍ରାମ କେନ୍ଦ୍ର ଏବଂ ଗୋଲାସାହି ବିଶ୍ରାମ କେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଓଡ଼ଗାଁ ବ୍ଲକ୍ ଅଧକ୍ଷ ଲୋକନାଥ ସାହୁଙ୍କ ଅଧକ୍ଷତାରେ କୁରାଳ ଖେଳପଡିଆରେ ଅନୁଷ୍ଠିତ ସଚେତନତା ଶିବିରରେ ଉପାଧକ୍ଷା ମୀରା ନାୟକ, ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ପ୍ରମୁଖ ଲୋକମାନଙ୍କୁ ସଚେତନ କରିଥିଲେ । କୁରାଳ ଓ ଗିରିଡିପଲ୍ଲୀ ପଞ୍ଚାୟତରେ ଅନୁରୂପ ଭାବେ ସରପଞ୍ଚ ଓ ସମସ୍ତ ଜନପ୍ରତିନିଧିଙ୍କ ଉପସ୍ଥିତିରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ନୟାଗଡ଼ରେ ଡିଆରସିଏସ୍ କାର୍ଯ୍ୟାଳୟ ଖୋଲିଲା

#### କାର୍ଯ୍ୟରେ ଯୋଗ ଦେଲେ ପ୍ରଥମ ଡିଆରସିଏସ୍

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ନୟାଗଡ ଜିଲାରେ ସମବାୟ ବିଭାଗ ତରଫରୁ ସମବାୟ ସମିତି ସମୁହର ଉପନିବନ୍ଧକ(ଡିଆରସିଏସ୍) କାର୍ଯ୍ୟାଳୟ ବୁଧବାରଠାରୁ କାର୍ଯ୍ୟ କରିଛି। ଜିଲାର ପ୍ରଥମ ଡିଆରସିଏସ୍ ଭାବେ ଅନନ୍ତ କୁମାର ନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଖୋର୍ଦ୍ଧାରେ ଏଆରସିଏସ୍ ଭାବେ କାମ କରୁଥିଲେ। ପଦୋନ୍ନତି ପାଇ ନୟାଗଡ଼ ଜିଲାରେ ନୂଆକରି ଡିଆରସିଏସ୍ ଭାବେ ନିଯୁକ୍ତି ପାଇଛନ୍ତି। ପ୍ରକାଶଥାଉକି ପୂର୍ବରୁ ନୟାଗଡ଼ ଜିଲା ପୁରୀ ସମବାୟ ଡିଭିଜନ ଅର୍ନ୍ତଗତ ଥିଲା। ନୟାଗଡ଼ ଜିଲାର ଲୋକଙ୍କ ଦାବି ଅନୁସାରେ ସରକାର ନୟାଗଡ଼ରେ ଡିଭିଜନ ଅଫିସ ଖୋଲିଥିଲେ। ଡିଆରସିଏସ୍ ଅଫିସର ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ନୟାଗଡ଼ ତ୍ରିନାଥ ଛକସ୍ଥିତ ସହକାରୀ ନିବନ୍ଧକ(ଏଆରସିଏସ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟାଳୟ ଖୋଲିଛି। ଏଭଳିସ୍ଥଳେ ଗୋଟିଏ କ୍ୟାମ୍ପସରେ ଡିଆରସିଏସ୍, ଏଆରସିଏସ୍ ଓ ସମବାୟ ଅଡିଟ୍ ଅଫିସର କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି ହେଉଛି।

### ରସୁଣ କେଜି ୫୦୦ ଟଙ୍କା

ନୟାଗଡ଼,୧।୨(ଲୋକନାଥ ମିଶ୍ର)

ରସୁଣ ଖାଉଟିଙ୍କୁ କନ୍ଦେଇବା ଆରମ୍ଭ କରିଛି । ନୟାଗଡ଼ ଜିଲାରେ ରସୁଣ କେଜି ୫୦୦ ଟଙ୍କାରରେ ବିକ୍ରି ହେଉଛି। ମାନ ଭଲ ନ ଥିବା ରସୁଣ ୪୦୦ ଟଙ୍କାରେ ବିକ୍ରି ହେଉଛି । ରସୁଣ ଦର ବୃଦ୍ଧି ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ୩ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

### କଳା ରଙ୍ଗର କାରକୁ ନେଇ ସନ୍ଦେହ

ଓଡ଼ଗାଁ,୧।୨(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ନୂଆଗାଁ ବ୍ଲକ ହରିପୁରୁ ପଞ୍ଚାୟତ ଓ ସମବାୟ ସମିତି କାର୍ଯ୍ୟାଳୟରୁ ବୁଧବାର ୩ ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୪୨/୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ରାତି ପ୍ରାୟ ସାଢେ ଦୁଇଟା ବେଳେ ଏକ କଳା ରଙ୍ଗର କାର ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରିଥିବା ନେଇ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ତେଣୁ ଚୋରି ପାଇଁ ଚୋରମାନେ ଯଦି ଉକ୍ତ କାରକୁ ବ୍ୟବହାର କରିଥାନ୍ତି ତେବେ କଳା ରଙ୍ଗର କାରକୁ ଆଧାର କରି ପୋଲିସ ଖୁବଶୀଘ୍ର ଅଭିଯୁକ୍ତମାନଙ୍କ ପାଖରେ ପହଁଞ୍ଚିବା ସମ୍ଭବ ହେବା ନେଇ ଆଲୋଚନା ହେଉଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଗୋଟିଏ କ୍ୟାମ୍ପସରେ ଥିବା ହରିପୁରୁ ପଞ୍ଚାୟତ ଓ ସମବାୟ ସମିତିରୁ ବିଳମ୍ବିତ ରାତିରେ ପଞ୍ଚାୟତ ତାଲା ଭାଙ୍ଗି ୨ ଏଲଇଡି ଟିଭି କମ୍ପ୍ୟୁଟର ସହିତ ସମବାୟ ସମିତିରୁ ଇନଭଟର,ବ୍ୟାଟେରୀ, କ୍ୟାମେରା ଏବଂ ଡ୍ରରେ ଥିବା ୨୧୭୬ ଟଙ୍କା ସହିତ ହାରାହାରି ୩ ଲକ୍ଷ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ସରପଞ୍ଚ ଜିତେନ୍ଦ୍ର ଖଟୁଆ ଓ ସମବାୟ ସମିତି ସମ୍ପାଦକ ଅମିୟ କୁମାର ବେହେରା ଲିଖିତ ଅଭିଯୋଗ କରିଛନ୍ତି।

# ନୀଳମାଧବଙ୍କ ଚନ୍ଦନ ଚାପ ପାଇଁ ଡଙ୍ଗା ନିର୍ମାଣ ଆରମ୍ଭ

ଖଣ୍ଡପଡ଼ା,୧।୨
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ପରିଚିତ କଣ୍ଟିଲୋର ଶ୍ରୀ ନୀଳମାଧବଙ୍କ ଚନ୍ଦନ ଚାପ ପାଇଁ ନୂତନ ଡ଼ଙ୍ଗା ନିର୍ମାଣ କାର୍ଯ୍ୟ ଗୁରୁବାର ଆରମ୍ଭ ହୋଇଛି । ଠାକୁରଙ୍କ ଚନ୍ଦନ ଚାପ ନୀତି ପାଇଁ ଦୁଇଟି ଡଙ୍ଗାର ଆବଶ୍ୟକତା ରହିଛି। ଦୀର୍ଘ ୪୦ ବର୍ଷ ହେବ ନୂତନ ଚାପ ଡଙ୍ଗା ନର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ବହୁ ଦାବି ପରେ ତଥା ନୀଳମାଧବ ପୂଜକ ସମାଜ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରୟାସ ଜାରି ରହିଥିବାରୁ ଏହି କାର୍ଯ୍ୟର ତ୍ୱରାନ୍ୱିତ ହୋଇ ପାରିଥିବା ଜଣାଯାଇଛି। ଏ ଅବସରରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଧୋବେଇ ନାଏକଙ୍କ ଦ୍ୱାରା ଶ୍ରୀଜୀଉଙ୍କ ଆଜ୍ଞାମାଳ ଓ ଶ୍ରୀକପଡା ଅର୍ପଣ କରାଯାଇ ବିଧି ଆରମ୍ଭ କରାଯାଇଛି । ଉକ୍ତ କାର୍ଯ୍ୟ ନୀଳମାଧବ ବିଦ୍ୟାପୀଠ ନିକଟ ନଡିଆ ପୋଖରୀ କୂଳରେ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଦେବୋତ୍ତର ମ୍ୟାନେଜର ହରିହର ଦାଶ ଓ ଅନ୍ୟାନ୍ୟ କର୍ମଚାରୀ, ବିଶିଷ୍ଟ କାଷ୍ଠ ଶିଳ୍ପୀ ହରିହର ନାୟକ, କୈବର୍ତ୍ତ ସମାଜ ସଭାପତି ପ୍ରମୋଦ କୁମାର ଦଳେଇ, ରବିନ୍ଦ୍ର କୁମାର ବେହେରା, ଶତ୍ରୁଘ୍ନ ବେହେରା ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନୌକା ନିର୍ମାଣର ମୁଖ୍ୟ ବଢେଇ(କାରିଗର) ଭାବ କଟକ ଜିଲା ଏକଡାଳ ଗ୍ରାମର ଜଗବନ୍ଧୁ ମହାଳିକ ଓ ସହକାରୀ ଭାବେ ଉକ୍ତ ଗ୍ରାମର ବିପିନ ବେହେରା ଓ କଣ୍ଟିଲୋ ଗ୍ରାମର ଝରିଆ ପରିଡା କାମରେ ନିୟୋଜିତ ଅଛନ୍ତି।

# ବାଣୀଗୋଛାରେ ସଚେତନତା ଶିବିର

ଦଶପଲ୍ଲା,୧।୨(ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ବ୍ଲକର ବାଣୀଗୋଛା ଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ବାଣୀଗୋଛା ପଞ୍ଚାୟତର ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ନିଜ ନିଜର ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ସମନ୍ୱିତ ଶିଶୁ ମଙ୍ଗଳ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ତରଫରୁ ନିଜନିଜ ବିଭାଗର ସଫଳ ଉପଲବ୍ଧିକୁ ଷ୍ଟଲ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା, ପୃଷ୍ଟି ସଚେତନତା କାର୍ଯ୍ୟକ୍ରମକୁ ଷ୍ଟଲ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଜାନକୀ ଦେହୁରୀ, ଦଶପଲ୍ଲା ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନୀ, ବାଣିଗୋଛା ସରପଞ୍ଚ ସସ୍ମିତା ମହାକୁଡ଼ ସମେତ ବହୁ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକମାନଙ୍କୁ ବିଧାୟକ ବେହେରା କହିଥିଲେ ଆମ ଓଡିଶା, ନବୀନ ଓଡିଶା ମାଧ୍ୟମରେ ଆଜି ଓଡିଶା ଏକ ରୁପାନ୍ତରୀତ ରାଜ୍ୟ ହେବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଗ୍ରାମାଞ୍ଚଳରେ ସମସ୍ତ ସହରୀ ସୁଖ ସୁବିଧା ଉପଲବ୍ଧ ହେବାକୁ ଯାଉଛି । ପ୍ରତି ଗ୍ରାମରେ ବ୍ୟାଙ୍କ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ଭଳି ବହୁ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି ଓ ତାହା କାର୍ଯ୍ୟକ୍ଷେତ୍ରରେ ସଫଳ ହୋଇପାରିଛି ।




ଆମ ଓଡ଼ିଶା,ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଡାକ୍ତରଙ୍କୁ ମାଡ଼ ମାରି ମହିଳା ଗିରଫ

ପାରଳାଖେମୁଣ୍ଡି, ୧।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଗତ ୩୦ରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ମାଡ଼ ମାରିବା ସଂପୃକ୍ତ ମହିଳାଙ୍କୁ ମହଙ୍ଗା ପଡ଼ିଛି। ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ୨୦୨୩ ଫେବୃଆରୀ ୧୯ରେ ପାରଳାଖେମୁଣ୍ଡି ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଇତଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସେହି ସମୟରେ ସୌଦାମିନୀଙ୍କ ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ, ହତ୍ୟା ବୋଲି ଅଭିଯୋଗ କରି ମାମଲା ରୁଜୁ କରିଥିଲେ। ଏହି ଘଟଣାରେ ତାଙ୍କୁ ନ୍ୟାୟ ଦାବି କରି ମା' ସୁଙ୍କାନୀ ରଇତ ବିଭିନ୍ନ ସମୟରେ ଧାରଣା, ଆନ୍ଦୋଳନ କରିଆସିଛନ୍ତି । ଗତ ୩୦ ତାରିଖ ଦିନ ସୌଦାମିନୀଙ୍କୁ ବ୍ୟବଚ୍ଛେଦ ରିପୋର୍ଟ ଭୁଲ ଥିବା ଅଭିଯୋଗ କରି ସୁଙ୍କାନୀ ବ୍ୟବଚ୍ଛେଦ କରିଥିବା ଡାକ୍ତର ରଶ୍ମିକାନ୍ତ ମିଶ୍ରଙ୍କୁ ତାଙ୍କ ଚାମ୍ବରରେ ପଶି ଜୋତାରେ ମାଡ଼ ମାରିଥିଲେ।

